ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.208 Bhubaneswar Tuesday September 27 2022 | ୨୫ତମ ବର୍ଷ ସଂଖ୍ୟା–୨୦୮ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୭, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ସମଲେଇଙ୍କ ହୁଣ୍ଡିରୁ ବାହାରିଲା ଚିଠି: ପ୍ରେମିକ ସହ ବାହା କରାଇ ଦେବାକୁ ଗୁହାରୀ



ସମ୍ବଲପୁର, ୨୬।୯(ପି.ଏନ): ଜୟ ମାଁ ସମଲେଇ, ମାଁ ଗୋ ମୋର ଜୁହାର ଗ୍ରହଣ କର। ମାଁ ମୁଇଁ ତୋର ନିକେ ଗୁଟେ ଆଶା ନେଇ କରି ଆସିଛେ। ମାଆ ଗୋ ମୋର ପ୍ୟାର ରବୀନ୍ଦ୍ର ସାଙ୍ଗେ ମୋତେ ବିହା କରେଇ ଦେ, ମାଆ ସମକିରର ସହମତିରେ। ଜୟ ମା' ଜଗତଜନନୀ କି ଜୟ। ଆଜି ମା ସମଲେଶ୍ୱରୀଙ୍କ ହୁଣ୍ଡିରୁ ମିଳିଛି ଏହି ଚିଠି। ଚିଠିରେ ରହିଛି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କୁ ଜଣେ ଭକ୍ତର ଆକୁଳ ନିବେଦନ। ନିଜ ପ୍ରେମକୁ ସାକାର କରିବାକୁ ମାଆଙ୍କୁ ଜଣାଇଛନ୍ତି ମନର କଥା। ତାଙ୍କ ଗୁହାରୀର ମାଧ୍ୟମ ହେଉଛି ଏ ହାତଲେଖା ଚିଠି। ଆଜି ସମେଲେଙ୍କ ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି ବେଳେ ସାମ୍ନାକୁ ଆସିଛି ଏଭଳି ଚିଠି। ଯେଉଁଥିରେ ମାଆଙ୍କୁ ଅନ୍ତରର କଥା ଜଣାଇ ମାନସିକ ପୂରଣ ପାଇଁ ଲେଖିଛନ୍ତି ଜଣେ ଭକ୍ତ ରୂପି ପ୍ରମିକା।ଅଭିଷ୍ଟ ପୂରଣ ପାଇଁ ଭଗବାନଙ୍କ ନିକଟରେ କିଏ କେତେ ପ୍ରକାରରେ ଗୁହାରୀ କରେ। କିଏ ହାତ ଯୋଡ଼ି, କିଏ ସାଷ୍ଟାଙ୍ଗ ମୁଣ୍ଡିଆ ମାରି, କିଏ ନୈବେଦ୍ୟ ଅର୍ପଣ କରି ତ ଆଉ କିଏ ପୂଜା ଓ ପ୍ରାର୍ଥନା ଆଦି କରି ଠାକୁର ଠାକୁରାଣୀଙ୍କୁ ପ୍ରସନ୍ନ କରିଥାନ୍ତି। କେତେ କଣ ଉପାୟରେ ମନର କଥା ଠାକୁରଙ୍କୁ ଜଣାନ୍ତି। କିନ୍ତୁ ମାନସିକ କରି ଦେବାଦେବୀଙ୍କୁ ଚିଠି ବି ଲେଖାଯାଇପାରେ। ସେ କଥା, ମା ସମଲେଶ୍ୱରୀଙ୍କ ହୁଣ୍ଡି ଖୋଲିବା ପରେ ସାମ୍ନାକୁ ଆସିଛି।ସେହିଭଳି ଆଉ ଏକ ଚିଠିରେ ନିଜ ଝିଅ କିଭଳି ନିଟ୍ ପରୀକ୍ଷାରେ ସଫଳ ହେବ, ସେ ନେଇ ମନୋସ୍କାମନା କରିଛନ୍ତି ଜଣେ ମାଆ। କେବଳ ଏ ଦୁଇଟି ନୁହେଁ, ବଙ୍ଗଳା ଏବଂ ତାମିଲ ଆଦି ଭାଷାରେ ଲେଖାଥିବା ଆଉ କିଛି ଚିଠି ବି ହୁଣ୍ଡିରୁ ମିଳିଛି।ସୂଚନା ଥାଉକି, ସମ୍ବଲପୁରର ମାଆ ସମଲେଇଙ୍କ ହୁଣ୍ଡି ମାସକୁ ଗୋଟିଏ ଥର ଖୋଲାଯାଏ। ପ୍ରତିଥର ହୁଣ୍ଡିରୁ ମିଳିଥିବା ଟଙ୍କା, ସୁନା ରୂପା ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀ ଗଣତି କରାଯାଇ ବ୍ୟାଙ୍କରେ ଜମା ରଖାଯାଏ। ତେବେ ହୁଣ୍ଡିରୁ ଚିଠି ମିଳିବା ଘଟଣା ନୂଆ ନୁହେଁ। ମାଆଙ୍କ ଉପରେ ବିଶ୍ୱାସ କରୁଥିବା ଭକ୍ତମାନେ ନିଜ ମନୋସ୍କାମନା ପୂରଣ ପାଇଁ ଆଗରୁ ବି ଏମିତି ଅନେକ ଚିଠି ଦେଇଥିବା କଥା କହିଛନ୍ତି ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ କର୍ତ୍ତୃପକ୍ଷ।

## ଭୁବନେଶ୍ୱରରୁ କଟକକୁ ମେଟ୍ରୋ ଟ୍ରେନ୍ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ

ଭୁବନେଶ୍ୱର, ୨୬।୯(ପି.ଏନ): ଭୁବନେଶ୍ୱରରୁ କଟକକୁ ମେଟ୍ରୋ ଟ୍ରେନ୍ ସେବା ଆରମ୍ଭ କରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ସେ ଟ୍ୱିଟ କରି ନିଜେ ଏହି ସୂଚନା ଦେଇଛନ୍ତି।ଏନେଇ ସେ ମେଟ୍ରୋ ରେଳ ନୀତି–୨୦୧୭ ବିଷୟରେ ନଗର ଉନ୍ନୟନ ମନ୍ତ୍ରାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରିଥିବା ନିଜର ଟୁଇଟରରେ ଉଲ୍ଲେଖ କରିଛନ୍ତି। ସେ ଟୁଇଟ୍ କରି ଲେଖିଛନ୍ତି, ଟ୍ୱିନ୍ ସିଟିରେ ଜନସଂଖ୍ୟା ବଢୁଥିବାରୁ ମେଟ୍ରୋ ଟ୍ରେନ୍ର ଆବଶ୍ୟକତା ରହିଛି, ମୁଁ ନିଜେ ମଧ୍ୟ ଏନେଇ ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରାଳୟକୁ ଚିଠି ଲେଖି ଅନୁରୋଧ କରିସାରିଛି। ଆବଶ୍ୟକୀୟ ସହାୟତା ପାଇଁ ମନ୍ତ୍ରାଳୟକୁ ଏକ ପ୍ରସ୍ତାବ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରି ଚିଠି ଲେଖିଛି।

## ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ମୃତ୍ୟୁ ଘଟଣା

ଭୁବନେଶ୍ୱର/ପୁରୀ, ୨୬।୯ (ପି.ଏନ): ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀର ୧୧ ନମ୍ବର ଜୋନ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଥିବା ବେଳେ ଆଜି ଆସିଛି ତାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ। ଶବ ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ହୋଇ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଧର୍ମେନ୍ଦ୍ର ସାହୁଙ୍କ ଶରୀରର ଅନ୍ୟ କୌଣସି ସ୍ଥାନରେ ଆଘାତ ଚିହ୍ନ ନଥିବା ରିପୋର୍ଟରେ ଉଲ୍ଲେଖ ଅଛି। ଧର୍ମେନ୍ଦ୍ରଙ୍କ ମୃତ୍ୟୁକୁ ସୁଇସାଇଡାଲ୍ ହ୍ୟାଙ୍ଗିଙ୍ଗ୍ ବୋଲି କହିଛନ୍ତି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ। ସେ କହିଛନ୍ତି ଯେ, ହ୍ୟାଙ୍ଗିଙ୍ଗ୍ ଦ୍ୱାରା ଶ୍ୱାସରୁଦ୍ଧରୁ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ରିପୋର୍ଟ ଅନୁସାରେ ଏହା ଏକ ଆଂଟିମୋର୍ଟମ ଡେଥ୍ କେସ୍। ଏହାର ଅର୍ଥ ଜୀବିତ ଅବସ୍ଥାରେ ଫାଶି ଲଗାଇ ମୃତ୍ୟୁ ଘଟିଛି। ଦେହରେ କ୍ଷତ ନଥିବାରୁ ଏହା ଏକ ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି।ସୂଚନାଯୋଗ୍ୟ, ଶନିବାର ଧର୍ମେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନ ବାଲକୋନିରୁ ମିଳିଥିଲା। ତେବେ ତାଙ୍କ ମୃତ୍ୟୁ ଏବେ ବି ରହସ୍ୟଘେରରେ ରହିଛି।

## ଦେଶରେ ସୋମବାର ସୁଦ୍ଧା ଦିଆଗଲାଣି ୨୧୭.୬୮ କୋଟିରୁ ଅଧିକ କରୋନା ଟୀକା

ନୂଆଦିଲ୍ଲୀ, ୨୬।୯(ପିଏନ): ଦେଶବ୍ୟାପି କରୋନା ଟୀକାକରଣ ଅଭିଯାନରେ ଶନିବାର ସକାଳ ୮ଟା ସୁଦ୍ଧା ୨୧୭ କୋଟି ୬୮ ଲକ୍ଷ ଟୀକା ଦେବା ସଂଖ୍ୟା ପାରି କରିସାରିଛି। ଗତ ୨୪ ଘଂଟାରେ ୧୧ ଲକ୍ଷ ୬୬ ହଜାର ଟିକା ଦିଆଯାଇଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହିସାବ ଅନୁସାରେ ସୋମବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ କରୋନା ବିରୋଧି ଟିକା ବର୍ତ୍ତମାନ ସୁଦ୍ଧା ସମୁଦାୟ ୨୦୩.୫୩ କୋଟିଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଅଛି।

## ଓଲଟିଲା ବସ୍ : ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପାରଳାଖେମୁଣ୍ଡି, ୨୬।୯(ପି.ଏନ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ରାଇସିଙ୍ଗି ଘାଟିରେ ଗତକାଲି ରାତିରେ ଏକ ଯାତ୍ରୀବାହୀ ବସ୍ ଘାଟି ତଳକୁ ଓଲଟି ପଡିଛି। ତେବେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବସ୍ ରେ ଥିବା ୨୩ ଯାତ୍ରୀ।ସୂଚନା ଅନୁଯାୟୀ, କନ୍ଧମାଳ ଜିଲ୍ଲା କୋଟଗଡ଼ରୁ ମୁନିଗୁଡ଼ା ହୋଇ ବ୍ରହ୍ମପୁର ଅଭିମୁଖେ 'କାମଧେନୁ' ନାମକ ଏହି ଘରୋଇ ବସ୍ ଟି ଯାଉଥିଲା। ରାତି ପ୍ରାୟ ୩ଟା ପରେ ଗାଡ଼ିଟି ରାଇସିଙ୍ଗି ଘାଟି ଅତିକ୍ରମ କରୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଖବର ପାଇ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ବସ୍ ରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାବେଳେ କେହି ଆହତ ହୋଇନାହାଁନ୍ତି। ସମସ୍ତ ଯାତ୍ରୀ ବ୍ରହ୍ମପୁର ଓ ଦିଗପହଣ୍ଡି ଅଂଚଳର ହୋଇଥିବା ଜଣାପଡିଛି। ସେମାନଙ୍କୁ ଅନ୍ୟ ଗାଡ଼ି ଯୋଗେ ଗନ୍ତବ୍ୟ ସ୍ଥଳ ଅଭିମୁଖେ ପଠାଯାଇଛି।

## ୨୮ରେ ବେଙ୍ଗାଲୁରୁରେ ଓଡ଼ିଶା ଇନଭେଷ୍ଟରସ ମିଟ୍ , ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୯(ପି.ଏନ): ଆସନ୍ତା ୨୮ ତାରିଖରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ଇନଭେଷ୍ଟରସ ମିଟ୍ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଯୋଗ ଦେବେ। ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ଏହି ସୂଚନା ଦେଇଛନ୍ତି।ଶିଳ୍ପମନ୍ତ୍ରୀ କହିଛନ୍ତି, ମୁମ୍ବାଇ ଭଳି ବେଙ୍ଗାଲୁରୁରେ ବି ମୁଖ୍ୟମନ୍ତ୍ରୀଙ୍କର ୱାନ୍ ଟୁ ୱାନ୍ ଭେଟିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ଓଡ଼ିଶା ଇନଭେଷ୍ଟରସ ମିଟ୍ ହେବ। ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ନିମନ୍ତ୍ରଣ ଦିଆଯିବ। ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ମେକ ଇନ ଓଡ଼ିଶା କନକ୍ଲେଭର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି।

## ବିନାନୁମତିରେ 'ପିପିପି' କୋର୍ସ, ପୁଣି ବିବାଦରେ ଏସବିଏମ୍ କଲେଜ



ଭୁବନେଶ୍ୱର, ୨୬।୯(ପି.ଏନ): ନିର୍ଦ୍ଧାରିତ୍ ସିଟରୁ ଅଧିକ ସଂଖ୍ୟକ ପିଲାଙ୍କୁ ଆଡମିଶନ କରାଇ ପୂର୍ବରୁ ବିବାଦରେ ଥିବା ଜଗତସିଂହପୁରର ପ୍ରତିଷ୍ଠିତ ଏସବିଏମ୍ କଲେଜରେ ପୁଣି ଏକ ବଡଧରଣର କେଲେଙ୍କାରୀ ପଦାକୁ ଆସିଛି। ୨୦୧୭-୧୮ ମସିହାରୁ 'ସ୍ୱୟଂଶାସିତ ମାନ୍ୟତା' ହରାଇଥିବା ଏସବିଏମ୍ କଲେଜ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ପିପିପି ମୋଡରେ ପିଜି ଓ ୟୁଜି ଶ୍ରେଣୀରେ ୮ଟି ପାଠ୍ୟକ୍ରମ ନିମନ୍ତେ ଟେଣ୍ଡର ଆହ୍ୱାନ କରିଛି। ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥାକୁ ଅନୁକମ୍ପା ଦେଖାଇବା ନିମନ୍ତେ କଲେଜ କର୍ତ୍ତୃପକ୍ଷ ବେଆଇନ୍ ଭାବେ ତରବରିଆ ଟେଣ୍ଡର ଡାକି ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେବାକୁ ପଛାଇ ନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ନୁହେଁ ବରଂ କଲେଜ ପରିଚାଳନା କମିଟି ନିର୍ଦ୍ଦେଶରେ ପିପିପି ମୋଡରେ କୋର୍ସ ଆରମ୍ଭ ନିମନ୍ତେ ଟେଣ୍ଡର ଡକାଯାଇଛି ବୋଲି କଲେଜ ପ୍ରିନ୍ସିପାଲ ନିରଞ୍ଜନ ବିଶ୍ୱାଳ କହିଛନ୍ତି।ମିଳିଥିବା ସୂଚନା ଅନୁସାରେ, ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟରେ ଦୀର୍ଘ ୬୫ବର୍ଷ ପୁରୁଣା ଏସବିଏମ୍ କଲେଜରେ ପିପିପି ମୋଡରେ 'ଘରୋଇ ଅନୁଷ୍ଠାନ' ମାଧ୍ୟମରେ ପିଜି ଓ ୟୁଜି ଶ୍ରେଣୀରେ ୮ଟି କୋର୍ସ ଖୋଲିବା ନିମନ୍ତେ ଗତ ସେପ୍ଟେମ୍ବର ୧୯ ତାରିଖରେ ପ୍ରିନ୍ସିପାଲ ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୪ଘଂଟା ନପୁରୁଣୁ ସେପ୍ଟେମ୍ବର ୨୦ରେ ଏଥିରେ ସଂଶୋଧନ କରାଯାଇ ପୁଣିଥରେ ଟେଣ୍ଡର ଡକାଯାଇଥିଲା। ପିଜି ଶ୍ରେଣୀରେ ଜର୍ଣ୍ଣାଲିଜିମ୍ ଆଣ୍ଡ ମାସ୍ କମ୍ୟୁନିକେସନ, ଫାଇନାନ୍ସ ଆଣ୍ଡ କଂଟ୍ରୋଲ, ଏମବିଏ, ମାଇକ୍ରୋବାୟୋଲୋଜି ଏବଂ ୟୁଜି ଶ୍ରେଣୀରେ ବିବିଏ, ବିଏସସି ସାଇବର ସିକ୍ୟୁରିଟି, ଆଇଟିଏମ ଓ ମାଇକ୍ରୋବାୟୋଲୋଜି ଭଳି କୋର୍ସକୁ ପିପିପି ମୋଡରେ ଆରମ୍ଭ ପାଇଁ ଏହି ଟେଣ୍ଡରରେ ଉଲ୍ଲେଖ ରହିଛି।ତେବେ କଲେଜର ସ୍ୱୟଂଶାସିତ ମାନ୍ୟତା ନଥିବା ଓ ସରକାରୀ ଅନୁମତି ନଥାଇ କିଭଳି ଏସବିଏମ୍ କଲେଜ ଏତେ ବ୍ୟୟବହୁଳ କୋର୍ସ ସବୁ ପିପିପି ମୋଡରେ କରିବାକୁ ନିଷ୍ପତ୍ତି ନେଲା, ତା'ର ଖୋଳତାଡ ପରେ ଅନେକ ଚାଂଚଲ୍ୟକର ତଥ୍ୟ ପଦାକୁ ଆସିଛି।ଏ ସମ୍ପର୍କରେ କଲେଜ ପ୍ରିନ୍ସିପାଲ ନିରଞ୍ଜନ ବିଶ୍ୱାଳଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, "ଏସବୁ ବିଷୟରେ ତାଙ୍କର କିଛି ଧାରଣା ନାହିଁ। କଲେଜ ପରିଚାଳନା କମିଟି ସଭାପତି ଓ ସଦସ୍ୟମାନେ ଆଲୋଚନା କରି ତାଙ୍କୁ ଯାହା ନିର୍ଦ୍ଦେଶ ଦେଲେ ସେ ହିସାବରେ କାର୍ଯ୍ୟ କରିଛନ୍ତି। ଆଉ ଉକ୍ତ ଟେଣ୍ଡରକୁ ୱେବସାଇଟରେ ଅପଲୋଡ୍ କରିଛନ୍ତି।"ସେହିପରି କଲେଜ ପରିଚାଳନା କମିଟି ସଭାପତି କମଳା ପ୍ରସାଦ ମହାପାତ୍ର ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, " ପିପିପି ମୋଡରେ କୋର୍ସ ଆରମ୍ଭ ନିମନ୍ତେ ଟେଣ୍ଡର ଡକାଯାଇଛି। ଟେଣ୍ଡର ଖୋଲାଯିବା ପରେ ରାଜ୍ୟ ସରକାରଙ୍କୁ କୋର୍ସ ଆରମ୍ଭ ହେବ କି ନାହିଁ ସେ ନେଇ ଅନୁମତି ମଗାଯିବ। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର ଡାକିବା ପୂର୍ବରୁ କାହିଁକି ରାଜ୍ୟ ସରକାରଙ୍କ ଅନୁମତି ନିଆଗଲାନି ବୋଲି ପଚାରିବାରୁ ସେ ତା'ର ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏସବିଏମ୍ କଲେଜର 'ସ୍ୱୟଂଶାସିତ' ମାନ୍ୟତା ସମ୍ପର୍କରେ ଶ୍ରୀ ମହାପାତ୍ର କହିଥିଲେ ଯେ, ୨୦୧୭-୧୮ ମସିହାରୁ ଏହି ମାନ୍ୟତା ସମାପ୍ତ ହୋଇସାରିଛି। ପୂର୍ବରୁ ଏଥିପାଇଁ ଥରେ ଆବେଦନ ହୋଇଥିଲା। ସେହି ଆବେଦନ ଦସ୍ତାବିଜ୍ କେଉଁଠି ହଜିଯାଇଛି। ସେ ୨୦୨୧ ମସିହାରେ ପରିଚାଳନା କମିଟି ସଭାପତି ଦାୟିତ୍ୱ ନେବାପରେ ପୁଣିଥରେ ଏଥିପାଇଁ ଆବେଦନ କରାଯାଇଛି। ଯେହେତୁ ଆବେଦନ କରାଯାଇଛି, ତେଣୁ କଲେଜର ସମ୍ପ୍ରସାରିତ 'ସ୍ୱୟଂଶାସିତ' ମାନ୍ୟତା ଏବେବି ବଳବତ୍ତର ରହିଛି ବୋଲି ଦର୍ଶାଇବାକୁ ପ୍ରୟାସ କରିଥିଲେ।ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ବୀରେନ୍ଦ୍ର କୋରକୋରା ଏ ସମ୍ପର୍କରେ ପ୍ରତିକ୍ରିୟାରେ କହିଛନ୍ତି ଯେ, "ଏସବିଏମ୍ କଲେଜ ହେଉଛି ୪୮୮ବର୍ଗର ଅନୁଦାନପ୍ରାପ୍ତ ଘରୋଇ କଲେଜ। କୌଣସି ଘରୋଇ କଲେଜ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ପିପିପି ମୋଡରେ କୋର୍ସ ଆରମ୍ଭ କରିପାରିବେ ନାହିଁ। ବିନାନୁମତିରେ ସମ୍ପୃକ୍ତ କଲେଜର ପ୍ରିନ୍ସିପାଲ କିଭଳି ଏପରି ଟେଣ୍ଡର ଡାକିଛନ୍ତି ତାହା ତାଙ୍କୁ ଆଶ୍ଚର୍ଯ୍ୟ କରୁଛି।"କଲେଜ ସୂତ୍ରରୁ ଜଣାପଡିଛି ଯେ, ଏହି ପିପିପି ମୋଡରେ କୋର୍ସ ଆରମ୍ଭ କରିବା ପାଇଁ ଟେଣ୍ଡର ଡକାଯିବା ପୂର୍ବରୁ କଲେଜ ପରିଚାଳନା କମିଟି ଆଗରେ ଏକ ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥା ଏ ସଂକ୍ରାନ୍ତ ପ୍ରେଜେଣ୍ଟେସନ ଦେଇଥିଲା। ଆଉ ସରକାରଙ୍କ ବିନା ଅନୁମତିରେ କଲେଜ ପରିଚାଳନା କମିଟି ମନମୁଖୀ ଭାବେ ପିପିପି ମୋଡରେ କୋର୍ସ ଖୋଲିବାକୁ ନିର୍ଦ୍ଦେଶ ଦେଇ ପରୋକ୍ଷରେ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବାକୁ ପଛାଇ ନାହାଁନ୍ତି।ସୂଚନାଯୋଗ୍ୟ, ୟୁଜିସିଙ୍କ ଦ୍ୱାରା ୨୦୨୨ ଅଗଷ୍ଟ ୨୪ତାରିଖରେ ଜାରି ତାଲିକା ଅନୁସାରେ ଏସବିଏମ୍ କଲେଜର ସ୍ୱୟଂଶାସିତ ମାନ୍ୟତା ୨୦୧୭-୧୮ରୁ ସମାପ୍ତ ହୋଇସାରିଛି।

## ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ନିୟମ ବଦଳିଲା

### ସ୍ଲଟ୍ ବୁକ୍ କରିଥିଲେ ସ୍ଲିପ୍ ଦେଖାଇ ଜୋରିମାନାରୁ ବର୍ତ୍ତିପାରିବେ ଗାଡି ମାଲିକ

ଭୁବନେଶ୍ୱର, ୨୬।୯(ପି.ଏନ): ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ନିୟମକୁ ସାମାନ୍ୟ କୋହଳ କରିଛନ୍ତି ରାଜ୍ୟ ସରକାର। ଧାର୍ଯ୍ୟ ତାରିଖ ସୁଦ୍ଧା ବୁକିଂ କରିଥିଲେ କୌଣସି ଗାଡି ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବନାହିଁ। ଚେକିଂ ବେଳେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ହୋଇଥିବା ଅନଲାଇନ ବୁକିଂ ସ୍ଲିପ୍ ଦେଖାଇଲେ ଗାଡ଼ି ମାଲିକ ବା ଚାଳକ ଜରିମାନାରୁ ବର୍ତ୍ତିପାରିବେ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଏହି ଘୋଷଣା କରିଛନ୍ତି। ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ଡେଡଲାଇନ ସରିଆସୁଥିବାରୁ ହଜାର ହଜାର ସଂଖ୍ୟାରେ ଲୋକେ ଅନଲାଇନରେ ସ୍ଲଟ ବୁକିଂ କରୁଛନ୍ତି। ଯାହାଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଲୋକଙ୍କୁ ସ୍ଲଟ ମିଳିପାରୁନାହିଁ। ତେଣୁ ଲୋକେ ଚେକିଂକୁ ନେଇ ଆଶଙ୍କାରେ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବୁକିଂ ସ୍ଲିପ୍ ଦେଖାଇଲେ ଜୋରିମାନା ଆଦାୟ ହେବନାହିଁ ବୋଲି ନିଷ୍ପତି ନେଇଛନ୍ତି ରାଜ୍ୟ ପରିବହନ କର୍ତ୍ତୃପକ୍ଷ। ଯଦି ବୁକିଂ କରିନଥିବେ ତେବେ ଚେକିଂ ସମୟରେ ଧରାପଡିଲେ ୫ ରୁ ୧୦ ହଜାର ପର୍ଯ୍ୟନ୍ତ ଜରିମାନା ଗଣିବାକୁ ପଡିବ।ନିୟମ ଅନୁସାରେ ଗାଡିଗୁଡିକର ପଞ୍ଜୀକରଣ ନମ୍ବର ଅନୁସାରେ ଏଚଏସଆରପି ଲଗାଇବାର ବିଭିନ୍ନ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଯଦି ଗାଡ଼ିର ପଞ୍ଜୀକରଣର ଶେଷ ନମ୍ବର ୧ କିମ୍ବା ୨ ହୋଇଥାଏ, ତା'ହେଲେ ଅଗଷ୍ଟ ଶେଷ ସୁଦ୍ଧା ନୂଆ ନମ୍ବର ପ୍ଲେଟ୍ ଲଗାଇବାକୁ ହେବ। ପଞ୍ଜୀକରଣ ଶେଷ ନମ୍ବର ୩ ଓ ୪ ହୋଇଥିଲେ ସେପ୍ଟେମ୍ବର ୩୦ ସୁଦ୍ଧା, ୫ ଓ ୬ ନମ୍ବର ଥିବା ଗାଡି ଅକ୍ଟୋବର ୩୧ ସୁଦ୍ଧା, ୭ ଓ ୮ ନମ୍ବର ଥିବା ଗାଡି ନଭେମ୍ବର ୩୦ ତାରିଖ ସୁଦ୍ଧା ଏବଂ ୯ ଓ ୦ ଥିଲେ ଡିସେମ୍ବର ୩୧ ତାରିଖ ସୁଦ୍ଧା ନୂଆ ପ୍ଲେଟ ଲଗାଇବାକୁ ପଡ଼ିବ।

## ଜୟନ୍ତ କୁମାର ପଣ୍ଡା କଟକ କ୍ଲବ ସଭାପତି





ଭୁବନେଶ୍ୱର, ୨୬।୯(ପି.ଏନ): ପ୍ରତିଷ୍ଠିତ ଭୁବନେଶ୍ୱର କ୍ଲବର ସଭାପତି ନିର୍ବାଚନରେ ଅସିତ୍ କୁମାର ତ୍ରିପାଠୀ ଓ ତାଙ୍କ ଟିମକୁ ସଫଳତା ମିଳିଥିବାବେଳେ କଟକ ସହରର ପୁରାତନ ତଥା ପ୍ରତିଷ୍ଠିତ 'କଟକ କ୍ଲବ'ର ସଭାପତି ଭାବେ ଜୟନ୍ତ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି।ମିଳିଥିବା ସୂଚନା ଅନୁସାରେ, କଟକ କ୍ଲବର ବିଭିନ୍ନ ପଦ ପାଇଁ ଗତକାଲି ଅର୍ଥାତ୍ ସେପ୍ଟେମ୍ବର ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜୟନ୍ତ କୁମାର ପଣ୍ଡା ୫୮୮ଖଣ୍ଡ ଭୋଟ୍ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସଂଯୁକ୍ତା ମହାପାତ୍ରଙ୍କୁ ୪୩୦ଖଣ୍ଡ ଭୋଟ୍ ମିଳିଛି। ସେହିପରି ଉପସଭାପତି ଭାବେ ୬୮୯ଖଣ୍ଡ ଭୋଟ ସହ ଜନ୍ମେଜୟ ମହାପାତ୍ର ବିଜୟୀ ହୋଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କିଷ୍ଟାପ୍ରତିମ୍ ବାସୁଙ୍କୁ ମାତ୍ର ୨୯୫ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡିଛି।ସେହିପରି ସମ୍ପାଦକ ଭାବେ ଭାବେ ୪୪୪ଖଣ୍ଡ ଭୋଟ୍ ପାଇ ଯଶୋବନ୍ତ ଦାସ ବିଜୟୀ ହୋଇଛନ୍ତି। ଏହି ପଦ ପାଇଁ ଅନ୍ୟ ଦୁଇଜଣ ପ୍ରାର୍ଥୀ ସାତ୍ୟକୀ ଘୋଷ(୪୩୪ଖଣ୍ଡ) ଓ ତୃପ୍ତିରଞ୍ଜନ ଷଡଙ୍ଗୀଙ୍କୁ ୧୨୯ଖଣ୍ଡ ଭୋଟ୍ ମିଳିଥିଲା।ଯୁଗ୍ମ ସମ୍ପାଦକ ଭାବେ ସତ୍ୟମୋହନ ରଥ ଓ କୋଷାଧ୍ୟକ୍ଷ ଭାବେ ସତ୍ୟଶୋଭନ ନନ୍ଦ ବିଜୟୀ ହୋଇଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଗତ ୨୪ତାରିଖରେ ଭୁବନେଶ୍ୱର କ୍ଲବର ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ହୋଇଥିଲା। ଅସିତ୍ ତ୍ରିପାଠୀ ପୁନର୍ବାର ସଭାପତି ଭାବେ ବିଜୟୀ ହୋଇଥିବାବେଳେ ତାଙ୍କ ଟିମ୍ ସଦସ୍ୟମାନେ ଅନ୍ୟାନ୍ୟ ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି।

## ସୁମିତା ସର୍କାର ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ପାଦକ

ଭୁବନେଶ୍ୱର, ୨୬।୯(ପି.ଏନ): କଟକ ମହାନଗର ନିଗମ(ସିଏମ୍‌ସି)ର ଅତିରିକ୍ତ କମିଶନର ବରିଷ୍ଠ ଓଏଏସ୍ ଅଧିକାରୀ ସୁମିତା ସର୍କାରଙ୍କୁ କଟକସ୍ଥିତ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି।ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ପାଦକ ବରିଷ୍ଠ ଓଏଏସ୍ ଶ୍ରୀକାନ୍ତ ତରାଇଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ସେହିପରି ବରିଷ୍ଠ ଓଏଏସ୍ ରେଣୁପ୍ରଭା ନାୟକଙ୍କୁ ସମବାୟ ବିଭାଗର ଅତିରିକ୍ତ ସଚିବ ଓ ବରେନ୍ଦ୍ରନାଥ ଧଳଙ୍କୁ କଟକସ୍ଥିତ ବୋର୍ଡ ଅଫ ରେଭନ୍ୟୁରେ ଉପସଚିବ ଭାବେ ବଦଳି କରାଯାଇଛି।

## ଅକ୍ଟୋବର ପହିଲାରୁ ବଢିବ ବର୍ଷା

ଭୁବନେଶ୍ୱର, ୨୬।୯(ପି.ଏନ): ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଦେଶର ଉତର-ପଶ୍ଚିମ ଭାଗର ଅନେକ ଅଂଶ ଏବଂ ପାର୍ଶ୍ୱବର୍ତୀ କେନ୍ଦ୍ରୀୟ ଅଂଚଳର କିଛି ଭାଗରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ଜାରି ରହିଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧ ଅକ୍ଟୋବରରୁ ରାଜ୍ୟରେ ବର୍ଷାରେ ବୃଦ୍ଧି ସମ୍ଭାବନା ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୭ରୁ ୨୮ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର , ମୟୁରଭଂଜ. ଢେଙ୍କାନାଳ, କନ୍ଧମାଳ ରାୟଗଡା, କୋରାପୁଟ, ମାଲକାନଗିରି ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଭାରରେ ବୁହାହେଲେ ଗର୍ଭବତୀ

ମୋହନା, ୨୬।୯(ପି.ଏନ): ଗାଁକୁ ରାସ୍ତା ନଥିବାରୁ ୩ କି.ମି. ଭାରରେ ବୁହା ହୋଇଛନ୍ତି ଗର୍ଭବତୀ। ଏଭଳି ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅଧିନ କରଚବାଡ଼ି ପଚାଂୟତରେ। ୨୬।୯(ପି.ଏନ): ଗ୍ରାମକୁ ରାସ୍ତା ସୁବିଧା ନଥିବାରୁ ମୋହନା ବ୍ଲକ କରଚବାଡ଼ି ପଚାଂୟତ ଅନ୍ତର୍ଗତ ବଡପଙ୍କା ଗ୍ରାମରୁ ଏହି ଗର୍ଭବତୀଙ୍କୁ ଭାରରେ ଖଜୁରିପଡା ପର୍ଯ୍ୟନ୍ତ ନେଇଥିଲେ ପରିବାର ଲୋକେ। ଖଜୁରିପଡାରୁ ଆମ୍ବୁଲାନ୍ସ ଯୋଗେ ନିଆଯାଇ ମୋହନା ମେଡିକାଲରେ ଭର୍ତି କରାଯାଇଛି।

## ଆସନ୍ତା ବର୍ଷରୁ ୪୦ ସ୍କୁଲରେ ଖୋଲିବ ଯୁକ୍ତ ଦୁଇ କ୍ଲାସ



ଭୁବନେଶ୍ୱର, ୨୬।୯(ପି.ଏନ): ଆସନ୍ତା ବର୍ଷରୁ ୪୦ ସ୍କୁଲରେ ଖୋଲିବ ଯୁକ୍ତ ଦୁଇ କ୍ଲାସ। ୫ଟି ଅନ୍ତର୍ଗତ ରୂପାନ୍ତରିକରଣ ହୋଇଥିବା ସ୍କୁଲକୁ ଅପଗ୍ରେଡ୍ ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ତେଣୁ ଆସନ୍ତା ୨୦୨୩-୨୪ ଶିକ୍ଷା ବର୍ଷରୁ ୪୦ଟି ସ୍କୁଲକୁ ଅପଗ୍ରେଡ୍ କାମ ଶେଷ କରି ପାଠପ?। ଆରମ୍ଭ କରାଯିବ ବୋଲି ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି।ସୂଚନା ମୁତାବକ, ଏହି ୪୦ଟି ସ୍କୁଲରେ ଆସନ୍ତା ବର୍ଷ ଠାରୁ ଏକାଦଶ ଶ୍ରେଣୀ ପାଠପଢ଼ା ହେବ। ବିଶେଷକରି କଲେଜ ନ ଥିବା ଉପାନ୍ତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଅସୁବିଧାକୁ ଦେଖି ତଥା ଡ୍ରପ ଆଉଟ ସମସ୍ୟାର ସମାଧାନ ନିମନ୍ତେ ଏହି ପ୍ରୟାସ ଆରମ୍ଭ କରିଛନ୍ତି ସରକାର। ଏକାଦଶ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତି ମଧ୍ୟ ଆରମ୍ଭ ହୋଇଯାଇଛି।ଏବେ ସୁଦ୍ଧା ୫୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏଥିନିମନ୍ତେ ନିଯୁକ୍ତି ଦିଆଯାଇଛି। ଆଗକୁ ଆହୁରି ଦିଆଯିବ। ଆବଶ୍ୟକ ପଡିଲେ ଗେଷ୍ଟ ଫ୍ୟାକଲଟି ମଧ୍ୟ ନିଯୁକ୍ତ କରାଯିବ। ରୂପାନ୍ତରିକରଣ ପ୍ରକ୍ରିୟାରେ ସ୍କୁଲ ଭିତ୍ତିଭୂମି ଭଲ ହୋଇସାରିଥିବାରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଆଗକୁ ୧୦୦ଟି ସ୍କୁଲକୁ ଅପଗ୍ରେଡ୍ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଶ୍ରୀ ଦାଶ ସୂଚନା ଦେଇଛନ୍ତି।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିସ୍ପି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି। ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି। ଥରେ ଗୋଲକରେ ଦେବୀ ସୀତା ନଥିଲେ। ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ। କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ। ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ। ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା। ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ। ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ। ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ। ରାୟାଣ ହେଉଛି ମୋର ଏକ ଅଂଶ। ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରୁସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରୁସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରୁସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିରେ ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## 'କଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା ।'



ମହାବିଷୁବ ସଂକ୍ରାନ୍ତିର ପୂର୍ବରୁ ହାତ ଛାଡ଼ି ଦେଲେ ମୋ ଜୀବନର ସବୁ କିଛି ପ୍ରେରଣା ଥିବା ଜେଜିମା। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳାମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଃଶ୍ୱାସ ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତୈତ୍ତିରୀୟ ପୁରାଣରେ ବର୍ଣ୍ଣିତ ଅଛି – 'ଅଯଜ୍ଞୋ ବା ଏଷ ପୋ ପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ – ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି–'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି – ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

**ପୁଷ୍ପଲତା ଦାସ**, କାଠଯୋଡ଼ି ଇନ୍‌କ୍ଲେଭ, ପ୍ଲଟ ନଂ-ବି୧/୨, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୮୬୨୦୦୮୩

# ରମଜାନର ସୌଭାଗ୍ୟଶାଳୀ ରାତି-ସବେ କଦର



ଇସଲାମ ଧର୍ମରେ ୫ଟି ମୌଳିକ ନୀତି ରହିଛି। କଲମା, ନମାଜ, ରୋଜା, ଜକାତ ଏବଂ ହଜ। କଲମା ଅର୍ଥାତ୍ ଏକେଶ୍ୱର ବିଶ୍ୱାସୀ ହେବା। ନମାଜ ଅର୍ଥାତ୍ ପ୍ରଭୁଙ୍କୁ ଭକ୍ତି କରିବା। ରୋଜା ଅର୍ଥାତ୍ ପବିତ୍ର ରମଜାନ ମାସରେ ଉପବାସ କରିବା। ଜକାତ୍ ଅର୍ଥାତ୍ ବର୍ଷକୁ ଥରେ ଗଚ୍ଛିତ ଧନର ଏକ ନିର୍ଦ୍ଦିଷ୍ଟ ଅଂଶ ପ୍ରଭୁଙ୍କ ପ୍ରସନ୍ନତା ପାଇଁ ଦାନ କରିବା। ଏବଂ ହଜ୍ ଅର୍ଥାତ୍ ତୀର୍ଥ କରିବା। ଏହି ୫ଟି ମୌଳିକ ନୀତି ମଧ୍ୟରୁ ରୋଜା ଅନ୍ୟତମ। ପବିତ୍ର ରମଜାନ ମାସରେ ପ୍ରତ୍ୟେକ ମୁସଲିମମାନେ ଉପବାସ ପାଳନ କରନ୍ତି। ପବିତ୍ର ରମଜାନ ମାସର ଇସଲାମୀୟ ଶାସ୍ତ୍ରରେ ବଡ଼ ମହତ୍ୱ ରହିଛି। ଏହା ଏକ ତପସ୍ୟା ଓ ସାଧନାର ମାସ। କର୍ମ ଦ୍ୱାରା ଫଳ ପ୍ରାପ୍ତିର ମାସ । ଭକ୍ତ ଓ ଭଗବାନଙ୍କ ମିଳନର ମାସ। କିଛି ପାଇବାର ମାସ। ବଦାନ୍ୟତାର ମାସ । କିଛି ପାଳନ କରିବାର ମାସ। ପୁନ୍ୟ ଅର୍ଜନ କରିବାର ମାସ। ସେବା ଓ ସହାୟ୍ୟର ମାସ। ଧୈର୍ଯ୍ୟ ଓ ଆତ୍ମ ସଂଯମର ମାସ। ପ୍ରଭୁଙ୍କୁ ଆପଣା କରିନେବାର ମାସ। ସ୍ୱର୍ଗପ୍ରାପ୍ତିର ମାସ। କୁଭ୍ୟାସ ଦୂର କରିବାର ମାସ। ମାନବ କଲ୍ୟାଣ କରିବା ମାସ। କ୍ଷମାର୍ଚ୍ଚନାର ମାସ। ଆଧାତ୍ମିକ ଋତୁରାଜର ମାସ। ଏକ ସୌଭାଗ୍ୟଶାଳୀ ରାତି ପାଇବାର ମାସ।

ପବିତ୍ର ରମଜାନ ଏପରି ଅନେକ ଐଶରୀୟ ଅନୁଗ୍ରହର ମାସ ହୋଇଥାଏ। ତନ୍ମଧ୍ୟରୁ ଏହି ମାସରେ ଏପରି ଏକ ସୌଭାଗ୍ୟଶାଳୀ ରାତି ଆସିଥାଏ, ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ। ଏହି ପରିପ୍ରେକ୍ଷୀରେ ପବିତ୍ର କୋରାନ କୁହେ; "ପ୍ରକୃତରେ ଆମେ ପବିତ୍ର କୋରାନକୁ ଏକ ମହତ୍ୱପୂର୍ଣ୍ଣ ସୌଭାଗ୍ୟଶାଳୀ ରାତିରେ ଅବତୀର୍ଣ୍ଣ କରିଅଛୁ ଏବଂ (ହେ ହଜରତ ମହମ୍ମଦ ସଲ୍ଲମ) ତୁମକୁ କ'ଣ ଜଣା ଯେ ଯେଉଁ ରାତିରେ ଭାଗ୍ୟ ଅବତରଣ କରିଥାଏ ତାହା କ'ଣ ? ଏହି ମହତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତି ତ ଏକ ହଜାର ମାସ ଅପେକ୍ଷା ଉତ୍କୃଷ୍ଟତର ଅଟେ । ପ୍ରତ୍ୟେକ ପ୍ରକାରର ଦେବଦୂତ ଓ (ପରିପୂର୍ଣ୍ଣ) ଆତ୍ମା ନିଜ ପାଳନ କର୍ତାଙ୍କ ଆଦେଶ ଅନୁଯାୟୀ ଏହି ରାତିରେ ସମସ୍ତ (ସାଂସାରିକ ଓ ଆଧାତ୍ମିକ )କାର୍ଯ୍ୟ ସହ ଅବତରଣ କରିଥାନ୍ତି । ଦେବଦୂତମାନେ (ଅବତରଣ କଲା ପରେ) ସକାଳର ଆଗମନ ପର୍ଯ୍ୟନ୍ତ ଶାନ୍ତି ହି ଶାନ୍ତି ବର୍ଷଣ ହୋଇଥାଏ ।"

ରମଜାନର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଶେଷ ୧୦ ଦିନରେ ଏପରି ଏକ ରାତି ଆସିଥାଏ,






ଯାହାକୁ ସୌଭାଗ୍ୟଶାଳୀ ରାତି - ଲଇଲତୁଲ୍ କଦର୍ କୁହାଯାଏ । ସୌଭାଗ୍ୟଶାଳୀ ରାତିର ଅର୍ଥ ହେଲା ଏପରି ଏକ ରାତି ଯେଉଁ ଥିରେ ସିମୀତ ବିଷୟର ନିଷ୍ପତି କରାଯାଏ । ଏହି ସୌଭାଗ୍ୟଶାଳୀ ରାତିରେ ହିଁ ମନୁଷ୍ୟର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ ଏବଂ ଏହା ନିଷ୍ପତି କରାଯାଇଥାଏ ଯେ ଆସନ୍ତା ବର୍ଷ ତା' ସହିତ କ'ଣ ହେବ । ସେ କିପରି ଏବଂ କେତେ ଲାଭବାନ ହେବ ଓ ଉନ୍ନତି କରିବ । ତାକୁ କ'ଣ କ'ଣ ଲାଭ ହାସଲ ହେବ ଏବଂ କି ପ୍ରକାରର କ୍ଷତି ସହିବାକୁ ହେବ । ମନୁଷ୍ୟ ଉନ୍ନତିର ସମସ୍ତ ନିଷ୍ପତି ଏହି ଅନ୍ଧାର ରାତିରେ ହିଁ ହୋଇଥାଏ । ଯେପରି ମନୁଷ୍ୟର ଉନ୍ନତି ମଧ୍ୟ ବାରମ୍ବାର ଅନ୍ଧାରରେ ହୋଇଥାଏ । ମାଆ ପେଟ ଭିତର ମଧ୍ୟ ଅନେକ ଅନ୍ଧାରର ସମଷ୍ଟି ଅଟେ । ତଥା ସେଠାରେ ହିଁ ମନୁଷ୍ୟର ସାଂସାରିକ ଉନ୍ନତିର ନିଷ୍ପତି ହୋଇଥାଏ । ଏହି ସୌଭାଗ୍ୟଶାଳୀ ରାତି ସେହି ଉପଯୁକ୍ତ ବଳିଦାନର ନାମ ଅଟେ, ଯାହା ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୁଏ ।

ଏହି ସୌଭାଗ୍ୟଶାଳୀ ରାତି ବିଷୟରେ ଯେତେବେଳେ ହଜରତ ମହମ୍ମଦ ସଲ୍ଲମଙ୍କୁ ଜ୍ଞାନ ଦିଆଗଲା । ତେବେ ଆପଣ ଆନନ୍ଦରେ ଘର ବାହାରକୁ ଆସିଲେ କି, ଏ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବେ ତଥା ସେମାନେ ମଧ୍ୟ ଏଥିରୁ ଉପକୃତ ହେବେ । କିନ୍ତୁ ଯେତେବେଳେ ବାହାରକୁ ଆସିଲେ, ଦେଖିଲେ ଦୁଇ ଜଣ ବ୍ୟକ୍ତି ଝଗଡା ଲାଗିଛନ୍ତି । ଆପଣ ସେମାନଙ୍କ ଝଗଡା ଏବଂ ସମସ୍ୟାର ସମାଧାନ କରିବାରେ ବ୍ୟସ୍ତ ହୋଇଗଲେ ଯଦ୍ୱାରା ସେହି ତାରିଖର ଜ୍ଞାନ ଆପଣଙ୍କ ଧ୍ୟାନରୁ ଦୂରେଇ ଗଲା । ଜଣାପଡୁଛି କି ହଜରତ ମହମ୍ମଦଙ୍କୁ ସେହି ଝଗଡା ସମାଧାନ କରିବାରେ ବହୁତ ସମୟ ଲାଗି ଗଲା । ଯେତେବେଳେ ଆପଣ ଏ ଆଡକୁ ପୁନର୍ବାର ଧ୍ୟାନ ଦେଲେ କି ମୁଁ ସୌଭାଗ୍ୟଶାଳୀ ରାତିର ତାରିଖ ବିଷୟରେ ଅବଗତ କରାଇବାକୁ ଆସିଥିଲି । ସେତେବେଳକୁ ଆପଣ ସେ ନିର୍ଦ୍ଦିଷ୍ଟ ତାରିଖ ଭୁଲି ଯାଇଥିଲେ । ବରଂ ଇତିହାସରେ ଲେଖାଅଛି କି ଆପଣଙ୍କୁ ଏ ତାରିଖ ଭୁଲାଇ ଦିଆଯାଇଥିଲା । ତେଣୁ ହଜରତ ମହମ୍ମଦ କହିଲେ କି ସେହି ଝଗଡା ଯୋଗୁଁ ବା ବିଭ୍ରାଟ ଯୋଗୁଁ ସେହି ନିର୍ଦ୍ଦିଷ୍ଟ ସମୟର ଜ୍ଞାନ ଭୁଲାଇ ଦିଆଗଲା । ସେଥି ଯୋଗୁଁ ଏବେ ତ ନିର୍ଦ୍ଦିଷ୍ଟ ତାରିଖ ମନେନାହିଁ କିନ୍ତୁ ତାକୁ ରମଜାନ ମାସ ଶେଷ ୧୦ ଦିନର ଅଛିଣ୍ଡା ତାରିଖରେ ଅର୍ଥାତ୍ ରମଜାନର ୨୧, ୨୩, ୨୫, ୨୭ ଏବଂ ୨୯ ତାରିଖରେ ଅନୁସନ୍ଧାନ କର । ସୌଭାଗ୍ୟଶାଳୀ ରାତିରେ ଭିନ୍ନ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇ ଥିବାର ପରିଲିଖିତ ହୋଇଥାଏ। ଅନେକ ସମୟରେ ଏହି ସୌଭାଗ୍ୟଶାଳୀ ରାତିରେ ଆକସ୍ମାତ ବଜ୍ର ଘାତ ହୋଇ ପାରିଥାଏ, ଝିପିରି ଝିପିରି ବର୍ଷା ହୋଇପାରିଥାଏ। ହୃଦୟର ଭାବନା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଶେଷ ପ୍ରଫୁଲ୍ଲିତ ହୋଇଉଠି ଥାଏ। ଅଥବା ଅଲ୍ଲାଃଙ୍କ ବିଶେଷ ପ୍ରେମକୁ ହୃଦୟଙ୍ଗମ ହୋଇପାରିଥାଏ। ଏସବୁ ଲକ୍ଷଣ ବିଭିନ୍ନ ମଣିଷ ଠାରେ ଭିନ୍ନ ଭିନ୍ନ ଅବସ୍ଥାରେ ଦେଖା ଦେଇଥାଏ। ଏବଂ କିଛି ଅନୁଭୂତି ସହ ସେ ଅତିକ୍ରମ କରିଥାଏ । ତାହା ହିଁ ସେହି ମଣିଷ ପାଇଁ ସୌଭାଗ୍ୟଶାଳୀର ରାତି ହୋଇଥାଏ । ଯେଉଁ ବ୍ୟକ୍ତିକୁ ଏହି ସୌଭାଗ୍ୟଶାଳୀ ରାତି ପ୍ରାପ୍ତ ହେବ ସେ ପ୍ରଭୁଙ୍କ କରୁଣା ଏବଂ ସମୃଦ୍ଧି ପାଇବା ପାଇଁ ଏ ପ୍ରାର୍ଥନା କରିବା ଉଚିତ୍ ଯେ "ଅଲ୍ଲାହୁମ୍ମା ଇନ୍ନକା ଅଫୁଉନ୍ ତୁହିବ୍ ବୁଲ୍ ଅଫ୍‌ୱା ଫା'ଫୁଅନ୍ନି" ଅର୍ଥାତ୍ ହେ ଅଲ୍ଲାଃ ତୁମେ କ୍ଷତାଦାତା ଏବଂ କ୍ଷମାଦେବାକୁ ବହୁତ ଭଲ ପାଅ । ତେଣୁ ମୋତେ ବି କ୍ଷମା କରି ଦିଅ। ଏହି ରାତିରେ ପ୍ରଭୁ ତାର ଭକ୍ତ ନିକଟକୁ ଚାଲି ଆସିଥାଏ । ଭକ୍ତର ଭକ୍ତିକୁ ନିକଟରୁ ଦେଖି ପ୍ରସନ୍ନ ହୋଇଥାଏ। ଏବଂ କହିଥାଏ, କ'ଣ ମାଗୁଛୁ ମାଗ । ଆଜି ମୁଁ ସ୍ୱୟଂ ତୋର ପ୍ରତିଫଳ ସ୍ୱରୂପ। ପ୍ରକୃତରେ ଯାହାକୁ ପ୍ରଭୁ ମିଳିଯାଏ, ତାକୁ ଆଉ କ'ଣ ବା ଏ ସଂସାରରେ ଦରକାର !

ସୌଭାଗ୍ୟଶାଳୀ ରାତି ପ୍ରଭୁଙ୍କ ସାନ୍ନିଧ ହାସଲ କରିବା ଫଳରେ ସାଧିତ ହୋଇଥାଏ । ଏହା ନଷ୍କଳଙ୍କ ହୋଇ ଅଲ୍ଲାଃଙ୍କ ସାନ୍ନିଧ ହାସଲ କରିବା ପାଇଁ ହୋଇଥାଏ । କେବଳ ସାଂସାରିକ ଉଦ୍ଦେଶ୍ୟ ଦ୍ୱାରା ସୌଭାଗ୍ୟଶାଳୀ ରାତି ମିଳି ପାରିନଥାଏ ବରଂ ନିଷ୍ପାପ ହୋଇ ପ୍ରାର୍ଥନା କରିବା ଉଚିତ୍। ଯଦ୍ୱାରା ସାଂସାରିକ ଉଦ୍ଦେଶ୍ୟ ବି ପୂରଣ ହୋଇଥାଏ । ଏହି ସୌଭାଗ୍ୟଶାଳୀ ରାତିକୁ ନିର୍ଦ୍ଦିଷ୍ଟ ତାରିଖ ଦ୍ୱାରା ଧାର୍ଯ୍ୟ କରା ନଯିବାରେ ଏହା ମଧ୍ୟ ରହସ୍ୟ ରହିଛି ଯେ କଳହ, ଅଶାନ୍ତି, ଅରାଜକତା, ଦ୍ୱେଷ ମନଭାବ ଦ୍ୱାରା ସେହି ସୌଭାଗ୍ୟାଶାଳୀ ରାତି ପ୍ରାପ୍ତ ହୋଇପାରିନ ଥାଏ, ବରଂ ଶାନ୍ତି, ସହିଷ୍ଣୁତା, ସାଧୁତା ତଥା ଏକତା ଓ ଅଖଣ୍ଡତା ଏବଂ ଭାଇଚାରା ସ୍ଥାପିତ ଦ୍ୱାରା ହିଁ ସେହି ସୌଭାଗ୍ୟଶାଳୀ ରାତି ମିଳିପାରିଥାଏ। ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ । ରମଜାନ ଆମକୁ ଏହି ଶିକ୍ଷା ଦେବାକୁ ଆସିଥାଏ। ଯେଉଁ ବ୍ୟକ୍ତି ଏହି ସୌଭାଗ୍ୟଶାଳୀ ରାତିକୁ ପାଇ ପାରିଥାଏ, ନିଶ୍ଚିତରେ ତା'ର ସବୁ ପ୍ରାର୍ଥନ ଗ୍ରହଣୀୟ ହୋଇଥାଏ। ପ୍ରଭୁଙ୍କ ପ୍ରେମରେ ମଜି ଯାଇଥାଏ। କୁକର୍ମରୁ ଦୂରେଇ ଯାଇଥାଏ। ଭକ୍ତିରେ ବିଭୋଳିତ ହୋଇ ଉଠିଥାଏ। ଏହି ସବୁ



ପୁନ୍ୟ କରିବାର ଅଭ୍ୟାସ ତାକୁ ପକାଇ ଦେଇଥାଏ। ଏହି ପରିବର୍ତନ ହିଁ ସେହି ସୌଭାଗ୍ୟଶାଳୀ ରାତିକୁ ପାଇବାର ସାର ହୋଇଥାଏ। ଇସଲାମର ପ୍ରବର୍ତକ ହଜରତ ମୁହମ୍ମଦ ସଲ୍ଲମ କହିଛନ୍ତି; ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ବୃଦ୍ଧ ବାପ-ମାଆ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍କାର କରି ମୋକ୍ଷ ପାପ୍ତି କରି ପାରି ନଥାଏ। ଏବଂ ହତଭାଗା ସେହି ବ୍ୟକ୍ତି ଯାହାର ଜୀବନରେ ପବିତ୍ର ରମଜାନ ଆସିଥାଏ ଅଥଚ ସେ ତା'ର ପ୍ରଭୁଙ୍କ ଠାରୁ ତା'ର ପାପ କ୍ଷମା କରାଇ ପାରି ନଥାଏ। ପ୍ରଭୁ ଆମକୁ ପବିତ୍ର ରମଜାନର ପ୍ରକୃତ ଅର୍ଥକୁ ବୁଝି ତଦନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ଶକ୍ତି ଓ ସାମର୍ଥ ପ୍ରଦାନ କରନ୍ତୁ । ଏହା ହିଁ ଆମର କାମନା।

**ଫଜଲ ହକ ଖାଁ**, ଭୁବନେଶ୍ୱର, ଯୋଗାଯୋଗ: ୯୬୯୨୨୨୫୦୫୭

# କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ରାଜନଗର ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ଉପସଭାପତି ଅଶୋକ ପ୍ରତିହାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପଞ୍ଚମ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡିକର ଅନୁପାଳନ ବିବରଣୀ ଦୃଢ଼ିକରଣ ପରେ ଆଲୋଚନା ଆରମ୍ଭ ହୋଇଥିଲା। ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ସେଠୀ ଉପସ୍ଥିତ ନବ ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ,ସଭ୍ୟା, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ,ଅଧ୍ୟକ୍ଷା ଓ ସରକାରୀ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ବୈଠକରେ ମୁଖ୍ୟତଃ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳର ସୁବିଧା ଓ ଯୋଗାଣ, ସ୍ୱାସ୍ଥ୍ୟ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ବିଷୟରେ ବିଶଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ମୋଟ ୨୪୯ଟି ଗ୍ରାମପଞ୍ଚାୟତର ୧୪୧୪ଟି ଗ୍ରାମରେ କାର୍ଯ୍ୟକ୍ଷମ ଥିବା ୧୭ ହଜାର ୨୩୮ଟି ନଳକୂପ ମଧ୍ୟରୁ ଅଚଳ ଥିବା ନଳକୂପକୁ ତ୍ୱରିତ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ମେଗା ଜଳ ପ୍ରକଳ୍ପଗୁଡିକରେ ଥିବା ଅସୁବିଧାଗୁଡିକୁ ପ୍ରଶାସନିକ ସ୍ତରରେ ଆଶୁ ସମାଧାନ କରି ଆବଶ୍ୟକ ଅଧିକ ଅର୍ଥରାଶି ମଞ୍ଜୁର ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଧାୟକମାନେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜନଗର ବିଧାୟକ ଶ୍ରୀ ସାହୁ କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହି ପ୍ରସ୍ତାବକୁ ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟାମାନେ ସର୍ବସମ୍ମତି କ୍ରମେ ଗୃହିତ କରାଇଥିଲେ। ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଓ ରାଜକନିକା ବ୍ଲକରେ କାର୍ଯ୍ୟକାରୀ ହେବାକୁ ଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ମୋଟ ୨ଲକ୍ଷ ୨୭ହଜାର ୯୧କୋଟି ଟଙ୍କା ଖର୍ଚ୍ଚ ହୋଇ ୨୭୧ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ୧୫ତମ ସିଏଫସି ପ୍ରକଳ୍ପରେ ୯୪୭ଲକ୍ଷ ଅର୍ଥରାଶିରୁ ପାନୀୟ ଜଳ ଯୋଗାଣରେ ଏପର୍ଯ୍ୟନ୍ତ ୭,୯୫, ୮୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବୈଠକରେ ଅଚଳ ନଳକୂପ କାର୍ଯ୍ୟକ୍ଷମ କରିବା, ଅଚଳ ଓଭର ହେଡ ଟାଙ୍କିକୁ ସଚଳ କରିବା ପାଇଁ ଟି.ଆଇ. ଇ.ଡି. ପାଣ୍ଠିକୁ ଡାଇଭର୍ଟ କରିବା ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ଭୂତଳ ନଳକୂପ ଖନନ କରିବାକୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବଙ୍ଗାଳପୁର ଠାରୁ ଚଅଁପୁର ପର୍ଯ୍ୟନ୍ତ ଗ୍ରାମ୍ୟ ସଡକ ନିର୍ମାଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାରେ ଖାଲି ଥିବା ଡାକ୍ତର ପଦବୀ ପୁରଣ, ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରୀ ନିର୍ମାଣ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପ୍ରସ୍ତାବ ରଖାଯାଇଥିଲା। କଷଣଅଣ୍ଡାରେ ଏକଶହ ଏକର ଜମି ପରିମିତ ସ୍ଥାନରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେଲେ ଜନସାଧାରଣ ଅଧିକ ଭାବରେ ଉପକୃତ ହୋଇପାରିବେ ବୋଲି ରାଜ୍ୟ ସରକାରଙ୍କୁ ଅବଗତ କରାଇବା ପାଇଁ ରାଜନଗର ବିଧାୟକ ଶ୍ରୀ ସାହୁ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ। ଏହା ବ୍ୟତିତ କୃଷି ପାଇଁ ପାଟନାଳୀ ଖନନ, ସ୍ଲୁଇସ ଗେଟ ମରାମତି, କରି ଉଦବୃତ୍ତ ଜଳ ନିଷ୍କାସନ, ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ପରବର୍ତ୍ତି ଭିତ୍ତିଭୂମି ସୁଦୃଢ଼ୀକରଣ , ମା' ଛୁଆଳିଆ ଶକ୍ତିପୀଠକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ଓ ତାର ଉନ୍ନତିକରଣ, ଶିକ୍ଷକ ନିଯୁକ୍ତି ଆଦି ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଜିଲ୍ଲା ପରିଷଦ ଉପସଭାପତି ଅଶୋକ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବାବୁଙ୍କ ଫଟୋଚିତ୍ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ରଖାଯାଉ !




ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଫଟୋଚିତ୍ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସ୍ଥାନିତ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ମଧୁବାବୁଙ୍କ ଜୟନ୍ତୀ ଅବସରରେ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଥିଲା । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର ଓ ପ୍ରସନ୍ନ ରଥ ବରପୁତ୍ରଙ୍କର ଗୁଣଗାନ କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଭୁବନେଶ୍ୱର ଶାଖା ଉପ-ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ଦିପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

# ଧଳା ଜହର ବିକ୍ରୀ କରୁଥିବା ଅଭିଯୋଗରେ ୫ ଗିରଫ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଗୋପ ଟିଭି ସେଣ୍ଟର ପାଖରେ ଥିବା ଏକ ଘରେ ବେଆଇନ ଭାବେ ଧଳା ଜହର ବିକ୍ରୀ କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ଟାଉନ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଟାଉନ ଥାନା ଭାରପ୍ରାପ୍ତ ଇନିସପେକ୍ଟର ଗୌରାଙ୍ଗ ଚରଣ ପୃଷ୍ଟି କହିଥିଲେ ଯେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୧୦ ମିନିଟ ସମୟରେ ଏକ ବିଶେଷ ସୁତ୍ରରୁ ଖବର ପାଇ ସବଇନିସପେକ୍ଟର ରତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏଏସଆଇ ଶରତ ବାରିକ ଓ ଏଏସଆଇ ଆର. ପାଣିଙ୍କୁ ନେଇ ଗଠିତ ଏକ ଟିମକୁ ଗୋପସ୍ଥିତ ଟିଭି ସେଣ୍ଟର ନିକଟକୁ ପଠାଯାଇଥିଲା। ସେମାନେ ସେଠାରେ ଥିବା ଏକ ପରିତ୍ୟକ୍ତ ଘର ଉପରେ ଚଢାଉ କରିବାରେ ସେହି ଘର ଭିତରେ ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ସେକ ଓକିଲଙ୍କ ପୁଅ ସେକ ରାହିଲ(୨୪), ମହିପାଳ ଗ୍ରାମର ମୀର ସାମସୁଦ୍ଦିନଙ୍କ ପୁଅ ମୀର ନିଜାମୁଦ୍ଦିନ ଓରଫ ରାହୁଲ(୨୦), ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର କାଳନ୍ଦି ନାୟକଙ୍କ ପୁଅ ଲକ୍ଷ୍ମୀଧର ନାୟକ ଓରଫ ନାଣ୍ଟୁ(୩୩), ମାର୍ଶାଘାଇ ଥାନା ଅନ୍ତର୍ଗତ ଅଙ୍ଗୁଳେଇ ଗ୍ରାମର ମଧୁସୁଦନ ପାତ୍ରଙ୍କ ପୁଅ ନାରାୟଣ ପାତ୍ର ଓରଫ ମଣ୍ଟୁ (୨୮)ଏବଂ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ରଘୁନାଥ ନଗର ଗ୍ରାମର ଅଜିତ କୁମାର ସିହ୍ନାଙ୍କ ପୁଅ ସୁମିତ କୁମାର ସିହ୍ନା(୨୫) ବସି ବେଆଇନ ଭାବରେ ଧଳା ଜହର(ବ୍ରାଉନ ସୁଗାର) ବିକ୍ରୀ କରୁଥିବା ଦେଖିବାକୁ ପାଇଥିଲେ। ଏହି ଚଢାଉ



ବେଳେ ପୋଲିସ ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ତଥା କେନ୍ଦ୍ରାପଡା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଅଭିଯୁକ୍ତ ସେକ ରାହିଲଙ୍କ ଠାରୁ ୫.୩୪ଗ୍ରାମର ଧଳା ଜହର(ବ୍ରାଉନ ସୁଗାର) ଜବତ କରିଥିଲା। ଏଥିସହିତ ତାଙ୍କ ଠାରୁ ନଗଦ ୭ହଜାର ୭ଶହ ଟଙ୍କା, ଏକ ଟିଭିଏସ ଆପଚେ ବାଇକ ନଂ- ଓଡି- ୨୯ଜେ- ୨୮୬୩, ଏକ ହିରୋ ଏକ୍ସଟ୍ରିମ ବାଇକ ନଂ- ଓଡି୨୧ଏମ - ୯୮୩୩ ଏବଂ ୪ଟି ମୋବାଇଲ ଫୋନ ଅଭିଯୁକ୍ତମାନଙ୍କ ଠାରୁ ଜବତ କରାଯାଇଥିବା ପୋଲିସ କହିଛି। ଏହି ୫ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ଚାଲାଣ କରାଯିବ ବୋଲି ଟାଉନ ଥାନା ଅଧିକାରୀ ଶ୍ରୀ ପୃଷ୍ଟି ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆଇ.ଆଇ. ସି. ସୁମନ୍ତ କିଷାନ, ଏସ.ଆଇ. ରତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୭

# ବିଜେପିର ନିର୍ବାଚନ ପ୍ରସ୍ତୁତି



କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ବିଜେପି) ନିକଟରେ ଦଳର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ୧୧ଜଣିଆ ସଦସ୍ୟ ବିଶିଷ୍ଟ ପାର୍ଲିଆମେଂଟାରୀ ବୋର୍ଡ ଏବଂ ୧୫ଜଣିଆ ସଦସ୍ୟ ବିଶିଷ୍ଟ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ପୁନର୍ଗଠନ କରିଛି। ଦଳର ଏହି ଶକ୍ତିଶାଳୀ କମିଟି ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ସମ୍ଭାବନା ରହିଛି। ବିଜେପିର ଶକ୍ତିଶାଳୀ କମିଟି ପୁନର୍ଗଠନ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ବୋଲି କୁହାଯାଇପାରେ। ପୁନର୍ଗଠିତ ସଂସଦୀୟ ବୋର୍ଡରୁ କେନ୍ଦ୍ରମନ୍ତ୍ରୀ ନିତୀନ୍ ଗଡକାରୀ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ବାଦ ପଡିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ଗଡକାରୀ ଦଳର ପୂର୍ବତନ ରାଷ୍ଟ୍ରୀୟ ସଭାପତି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ୍)ର ଅଗାଧ ଆଶୀର୍ବାଦ ଥିବା ଜଣେ ତାଣୁଆ ନେତା। କେବଳ ଏତିକି ନୁହେଁ, ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ଭାବେ ମଧ ସେ ଅଗାଧ ସ୍ୱାଧୀନତା ବା ସ୍ୱୟଂଶାସିତ କ୍ଷମତାର ଅଧିକାରୀ ଥିଲେ। ବିଜେପି ତଥା ସଂଘ ପରିବାରର ମାର୍ଗଦର୍ଶକ ତଥା ମୂଳପିଣ୍ଡ ଭାବେ ପରିଚିତ ଆରଏସଏସ ସର୍ବଦା ଗଡକରୀଙ୍କ ପଛରେ ରହିଆସିଛି। ପାର୍ଲିଆମେଂଟାରୀ ବୋର୍ଡରୁ ଗଡକାରୀଙ୍କ ବିଦାୟ ଆରଏସଏସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସମ୍ପର୍କରେ ପରିବର୍ତ୍ତନର ସଂକେତ ପ୍ରଦାନ କରୁଛି ବୋଲି ନିଃସନ୍ଦେହରେ କୁହାଯାଇପାରେ। ଆହୁରି ମଧ ଯେଉଁ ସମୟରେ ଗଡକରୀଙ୍କୁ ପାର୍ଲିଆମେଂଟାରୀ ବୋର୍ଡରୁ ବିଦା କରାଯାଇଛି, ସେହି ସମୟରେ ଦଳର ଅନ୍ୟତମ ପ୍ରଭାବଶାଳୀ କମିଟି କେନ୍ଦ୍ରୀୟ ନିର୍ବାଚନ କମିଟିର ସଦସ୍ୟ ଭାବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିଶଙ୍କୁ ଗ୍ରହଣ କରାଯାଇଛି। ଯେକି ମହାରାଷ୍ଟ୍ରରେ ବ୍ରାହ୍ମଣ ସଂପ୍ରଦାୟର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ। ତେବେ ଗଡକରୀଙ୍କ ଭଳି ବ୍ରାହ୍ମଣ ସଂପ୍ରଦାୟର ଜଣେ ନେତାଙ୍କୁ ଦଳର ପାର୍ଲିଆମେଂଟାରୀ ବୋର୍ଡରୁ କାହିଁକି ବାଦ ଦିଆଗଲା, ତାହା ବୁଝାପଡୁନାହିଁ। ସେହିପରି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଯାହାଙ୍କର ରାଜ୍ୟରେ ବିଜେପିକୁ ଲଗାତାର କ୍ଷମତାସୀନ କରାଇବାରେ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ, ତାଙ୍କୁ ମଧ ବିଦାୟ ଦିଆଯାଇଛି। ବିଜେପି ସମ୍ବିଧାନ ତଥା ଗାଇଡଲାଇନ ଅନୁଯାୟୀ ୭୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନେତାଙ୍କୁ ପଦାଧିକାରୀ ଭାବେ ଏବଂ ନିର୍ବାଚନ ଲଢିବା ପାଇଁ ଦଳୀୟ ଟିକେଟ ପ୍ରଦାନ ନକରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ନଥିବା ସତ୍ତ୍ୱେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ. ୟେଦୁରପ୍ପାଙ୍କୁ ପାର୍ଲିମେଂଟାରୀ ବୋର୍ଡର ସଦସ୍ୟ ଭାବେ ନିଯୁକ୍ତି ବିସ୍ମୟ ସୃଷ୍ଟି କରିବା ସ୍ୱାଭାବିକ। ଉଲ୍ଲେଖ କରାଯାଇପାରେ ଯେ, ୭୫ ବର୍ଷ ଅତିକ୍ରମ କରିଥିବାରୁ ତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦେଇଥିଲା। ଏହା ସତ୍ୟ ଯେ, କର୍ଣ୍ଣାଟକର ପ୍ରଭାବଶାଳୀ ଲିଙ୍ଗାୟତ ସଂପ୍ରଦାୟର ଜଣେ ପ୍ରଭାବଶାଳୀ ନେତା ଭାବେ ଜଣାଶୁଣା ଯେଉଁଥିପାଇଁ ତାଙ୍କୁ ବାର୍ଦ୍ଧକ୍ୟାବସ୍ଥାରେ ବି ସ୍ଥାନ ଦିଆଯାଇଛି। ଅତୀତରେ ଯେଦୁରପ୍ପାଙ୍କ ଦଳର କେନ୍ଦ୍ରୀୟ ନେତୃତ୍ୱ ବିରୁଦ୍ଧରେ ବିଦ୍ରୋହ କାହାରିକୁ ଅଛପା ନାହିଁ। ଏହାସତ୍ତ୍ୱେ ଦଳ ତାଙ୍କୁ ପୁଣି ସକ୍ରିୟ ରାଜନୀତିକୁ ଫେରାଇ ଆଣିବା ଦଳର ବାଧ୍ୟବାଧକତା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ଦଳରେ କଠୋର ହିନ୍ଦୁତ୍ୱବାଦୀ ନେତା ଭାବେ ପରିଚିତ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କୌଣସି କମିଟିରେ ସ୍ଥାନ ପାଇନଥିବା ବେଳେ ଯେଦୁରପ୍ପାଙ୍କ ସହ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ପାର୍ଲିଆମେଂଟାରୀ ବୋର୍ଡରେ ସ୍ଥାନ ପାଇଛନ୍ତି। ସେହିପରି ବିଜେପି ଓବିସି ମୋର୍ଚ୍ଚାର ମୁଖ୍ୟ ତଥା ତେଲେଙ୍ଗାନାରୁ ରାଜ୍ୟସଭା ସଦସ୍ୟ କେ. ଲକ୍ଷ୍ମଣ, ଶିଖ୍ ସଂପ୍ରଦାୟର ପ୍ରଥମ ନେତା ଭାବେ ଇକବାଲ ସିଂହ ଲାଲପୁରା, ହରିଆନାରୁ ଲୋକସଭା ସାଂସଦ ସୁଧା ଯାଦବ, ଏବଂ ସତ୍ୟନାରାୟଣ ଯାଦବ ସ୍ଥାନ ପାଇଛନ୍ତି। ଜାତୀୟ କାର୍ଯ୍ୟକାରିଣୀ ତରଫରୁ ନିଷ୍ପତି ଗ୍ରହଣ କରିଥିବା ପାର୍ଲିଆମେଂଟାରୀ ବୋର୍ଡରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜନାଥ ସିଂହ, ଅମିତ ଶାହା, ବି.ଏଲ. ସନ୍ତୋଷ ସଦସ୍ୟ ଅଛନ୍ତି। ସେହପରି କେନ୍ଦ୍ରୀୟ ନିର୍ବାଚନ କମିଟିରୁ ଜୁଏଲ ଓରାମ, ଶାହାନବାଜ ହୁସେନଙ୍କୁ ବାଦ ଦିଆଯାଇଥିବା ବେଳେ ଫଡନଭିଶ, ଭୂପେନ୍ଦର ଯାଦବ, ଓମ ମାଥୁର ଓ ବିନୀତ ଶ୍ରୀନିବାସଙ୍କୁ ସାମିଲ କରାଯାଇଛି। କହିବା ବାହୁଲ୍ୟ ଯେ, ୨୦୨୪ରେ ଓଡ଼ିଶାରେ କ୍ଷମତା ଦଖଲ ପାଇଁ ସ୍ୱପ୍ନ ଦେଖୁଥିବା ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ସାଂସଦ ଓରାମଙ୍କୁ ବାଦ ଦେବା ଯୋଗୁଁ ରାଜ୍ୟ ଏବେ ଉଭୟ କେନ୍ଦ୍ରୀୟ କମିଟିରେ ପ୍ରତିନିଧିତ୍ୱ ଶୂନ୍ୟ ହୋଇଛି। ତେବେ ଦେଶର ସବୁ ପ୍ରାନ୍ତ ଓ ସମାଜର ସବୁ ବର୍ଗର ନେତାଙ୍କୁ ପୁନର୍ଗଠିତ କମିଟିରେ ପ୍ରତିନିଧିତ୍ୱ ଦେଇଥିବା ଦଳ ଦାବି କରିଛି। ଓଡିଶା ପ୍ରତିନିଧିତ୍ୱ ଶୂନ୍ୟ ହୋଇଥିବା ନେଇ ରାଜ୍ୟ ଶାଖା ଦଳୀୟ ନେତୃବର୍ଗଙ୍କର କୌଣସି ପ୍ରତିକ୍ରିୟା ନାହିଁ। ଏହା ନିଶ୍ଚିତ ଯେ ପୁନର୍ଗଠନ ପରେ ଉଭୟ କେନ୍ଦ୍ରୀୟ କମିଟି, ପାର୍ଲିଆମେଂଟାରୀ ବୋର୍ଡ ଏବଂ ନିର୍ବାଚନ କମିଟି ଏବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି କହିବାକୁ ହେବ। ତେବେ ବିଜେପି ପ୍ରତି ଆରଏସଏସ ଆଭିମୁଖ୍ୟ କିପରି ରହିବ, ତାହା ଭବିଷ୍ୟତ ହିଁ କହିବ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504



# ରାଜନୀତି କେବଳ ସତ୍ତା ପାଇଁ ନା ବିକାଶ ପାଇଁ !

ପ୍ରଦୀପ୍ତ କୁମାର ଜେନା



ଆଜିର ରାଜନୀତି କେବଳ ସତ୍ତା ପାଇଁ, ଏକଥା କେବଳ ମୁଁ କହୁନାହିଁ । ଏହି କିଛିଦିନ ତଳେ ଭାରତ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଶ୍ରୀ ନିତିନ୍ ଗଡ଼କାରୀ ଏହି କଥା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବାସ୍ତବିକ ଏହା ନିଛକ ସତ୍ୟ । ଆଜି ଭାରତବର୍ଷରେ ଯେତେ ରାଜନୈତିକ ଦଳ ରାଜନୀତି ପଶାପାଲିରେ ଗୋଟିଚାଳନା କରୁଛନ୍ତି ସେମାନେ କେହି ଦେଶଭକ୍ତ ନୁହନ୍ତି । ଦେଶର ପ୍ରଗତି ବା ଉନ୍ନତି ଯେତିକି ହେବାର ହେଉ କିପରି ସେମାନେ ଦୀର୍ଘଦିନ କ୍ଷମତାକୁ ନିଜ ହାତମୁଠାରେ ରଖିହେବ, ସେହି ଚିନ୍ତାରେ ସମସ୍ତେ ବ୍ୟସ୍ତ । ୨୦୨୪ ନିର୍ବାଚନ ଆହୁରି ପାଖାପାଖି ଦୁଇବର୍ଷ ଥିଲେବି ଆଜିଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । କେବଳ ସତ୍ତା ହାସଲ ହିଁ ଏକମାତ୍ର ଲକ୍ଷ୍ୟ । ଭାରତବର୍ଷକୁ ପରାଧୀନତାର ନାଗଫାଶରୁ ମୁକ୍ତ କରିବା ପାଇଁ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଅନେକ ଦେଶଭକ୍ତ ନିଜର ଘର ସଂସାର ତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ସେମାନଙ୍କ ଭିତରୁ ଅନେକ କାରାବରଣ କରିବା ସହିତ କିଛି ଦେଶପ୍ରେମୀଙ୍କୁ ଜୀବନ ଦେବାକୁ ପଡିଥିଲା । ଦେଶ ପାଇଁ ସେମାନେ ହସି ହସି ଫାଶିଖୁଣ୍ଟରେ ଝୁଲିପଡିଥିଲେ । ସେମାନଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ଫଳରେ ଆମ୍ଭେ ଆଜି ନିଜକୁ ସ୍ୱାଧୀନ ଦେଶର ନାଗରିକ ବୋଲି କହିପାରୁଛେ । ଯେଉଁମାନଙ୍କ ରକ୍ତରେ ଏ ମାଟି ରକ୍ତରଞ୍ଜିତ ହୋଇଥିଲା ସେମାନେ କେବଳ ଇତିହାସ ପୃଷ୍ଠାରେ ରହିଗଲେ । ଆଉ କିଛି ଚାଟୁକାର, ସୁବିଧାବାଦୀ, ଇଂରେଜମାନଙ୍କ ଦଲାଲ ଗଣତନ୍ତ୍ରର ଖୋଳପା ଭିତରେ ସ୍ୱାଧୀନତାର ସ୍ୱାଦ ଚାଖିଲେ । ଦୀର୍ଘଦିନ ଧରି କ୍ଷମତାକୁ ଜାବୁଡି ଧରିବାର କଳା ଓ କୌଶଳ ସେମାନେ ଆଗାମୀ ପିଢ଼ିକୁ ଶିଖାଇ ଦେଇଗଲେ । କଂଗ୍ରେସ ଇଂରେଜମାନଙ୍କ ପାଖରୁ ଶିକ୍ଷାଲାଭ କରିଥିବା 'Divide and rule policy'କୁ ପ୍ରୟୋଗ କରି ହିନ୍ଦୁ ଓ ମୁସଲମାନଙ୍କୁ ଭାଗଭାଗ କରି ମୁସଲମାନମାନଙ୍କୁ ସନ୍ତୁଷ୍ଟ କରିବା ସହିତ ହିନ୍ଦୁମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବିଚାର କଲା । ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ନିଜ ବକ୍ତବ୍ୟରେ କହିଥିଲେ ଭାରତବର୍ଷର ସମସ୍ତ ସଂସାଧନ ଉପରେ ପ୍ରଥମ ଅଧିକାର ମୁସଲମାନଙ୍କର । କଂଗ୍ରେସ ଯେ ହିନ୍ଦୁମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ଭାବୁଥିଲା, ତାହା ଏହି କଥାରୁ ସ୍ପଷ୍ଟ ଅନୁମେୟ । କଂଗ୍ରେସ ମଧ୍ୟ ହିନ୍ଦୁମାନଙ୍କୁ ଭାଗ ଭାଗ କରି ଦଳିତମାନଙ୍କ ହିତୈଷୀ ସାଜିଥିଲା। କଂଗ୍ରେସ ଦଳିତ ଓ ମୁସଲମାନମାନଙ୍କ ପରମହିତୈଷୀ ଭାବେ ନିଜକୁ ଚିତ୍ରିତ କରି ପାଖାପାଖି ୫୫ ବର୍ଷ ଶାସନରେ ରହି କ୍ଷମତାର ସ୍ୱାଦ ଚାଖିଲା । ଦୀର୍ଘ ୫୫ ବର୍ଷ ଶାସନରେ ରହିବା ପରେ ସମାଜରେ ଦଳିତ ଓ ମୁସଲମାନ ପଛୁଆ ଭାବେ ରହିଥିଲେ। ଏପରିକି ୭୫ ବର୍ଷ ସ୍ୱାଧୀନତାର ପରେ ମଧ ମୁସଲମାନ ଓ ଦଳିତମାନଙ୍କର ସାମଗ୍ରିକ ବିକାଶ ହୋଇନାହିଁ । କେବଳ କ୍ଷମତାରେ ରହିବା ପାଇଁ କଂଗ୍ରେସ ଦଳିତ ଓ ମୁସଲମାନମାନଙ୍କ ହିତୈଷୀ ସାଜିଥିଲା। ଯେଉଁଦିନ ସେମାନେ ବୁଝିଗଲେ ଯେ କଂଗ୍ରେସ ସେମାନଙ୍କ ପ୍ରକୃତ ହିତୈଷୀ ନୁହେଁ ସେବେଠାରୁ ସେମାନେ କଂଗ୍ରେସ ଆଡୁ ମୁହଁ ଫେରାଇ ନେଇଗଲେ; ଫଳରେ କଂଗ୍ରେସ କ୍ଷମତାରୁ ଦୂରେଇଗଲା । ଏହି ନିକଟରେ ରାଜସ୍ଥାନର ଜଣେ କଂଗ୍ରେସ ବିଧାୟକ ଦଳିତମାନଙ୍କ ଉପରେ ଅତ୍ୟାଚାର ହୋଇଛି କହି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । କେବଳ ପ୍ରଚାର ପ୍ରସାର କରି ତୁଷ୍ଟିକରଣ ରାଜନୀତି କଲେ ଦେଶର ମଙ୍ଗଳ ହେବନି କି ବ୍ୟକ୍ତିର ହୁଏତ କିଛିଦିନ କ୍ଷମତାକୁ ଜାବୁଡି ଧରି ହେବ । ଯେତେବେଳେ ଲୋକମାନେ ତୁମର ଅସଲ ଚରିତ୍ରକୁ ଜାଣିଯିବେ ସେତେବେଳେ ତୁମକୁ ଫୋପାଡ଼ି ଦେବେ। ଯାହା କଂଗ୍ରେସ ପାଇଁ ହୋଇଛି। ଯଦି ପ୍ରକୃତରେ ଗୋଟିଏ ସରକାର ଦେଶ ଓ ଦେଶବାସୀଙ୍କ ପାଇଁ କିଛି କରିବାକୁ ଚାହିଁବେ, ସେ ସରକାର ବେଶୀଦିନ କ୍ଷମତାରେ ରହିପାରିବ ନାହିଁ। କଥାରେ ଅଛି ଯେତେ ଅଧିକ କାର୍ଯ୍ୟ କରିବ ସେତେ ଅଧିକ ଭୁଲ ହେବ । ଯଦି କିଛି କରିବ ନାହିଁ କିଛି ଭୁଲ ହେବନାହିଁ। ସେହି ନ୍ୟାୟରେ ଯେଉଁ ସରକାର ଦେଶ ପାଇଁ ଦୀର୍ଘସୂତ୍ରୀ କାର୍ଯ୍ୟ କରିବାକୁ ଚାହିଁବ ସେ କ୍ଷମତାରେ ରହିବେ ନାହିଁ । ସବୁ ଦଳର ଶୀର୍ଷ ନେତୃତ୍ୱର ଇଚ୍ଛା ଯେକୌଣସି ଉପାୟରେ ଶାସନକଳକୁ ଜାବୁଡି ଧରିବା । ଦେଶର ମଙ୍ଗଳ ହେଉ ଏ କଥା କେହି ଚିନ୍ତା କରୁନାହାନ୍ତି ବା କେହି ଗାନ୍ଧୀ ଗୋପବନ୍ଧୁ ନୁହଁନ୍ତି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିବାଲ ଯେତେବେଳେ ସରକାରକୁ ଆସିଲେ ବହୁତ ବଡ଼ ବଡ଼ କଥା କହିଲେ। ଦୁର୍ନୀତି ଲୋପ କରିଦେବି, ଦିଲ୍ଲୀକୁ ଏକ ଆଦର୍ଶ ପ୍ରଦେଶ କରିଦେବି ଇତ୍ୟାଦି। ସେ ଆସୁ ଆସୁ ଚଉକିର ମୋହ ଏତେମାତ୍ରାରେ ବଢିଗଲା ଯେ ସେ କିଭଳି ତାଙ୍କର ସାମ୍ରାଜ୍ୟ ଦିଲ୍ଲୀରୁ ସମଗ୍ର ଭାରତବର୍ଷକୁ ବ୍ୟାପିବ, ସେହି ଚିନ୍ତାରେ ରହିଲେ । ପାଣି ବିଜୁଳି ବିଲ୍ ମୁକ୍ତ କରି ଲୋକମାନଙ୍କୁ ନିଜ ଆଡକୁ ଆକର୍ଷଣ କଲେ । ତୁଷ୍ଟିକରଣ ରାଜନୀତିରେ ଗୋଟିଏ ସମ୍ପ୍ରଦାୟକୁ ହାତମୁଠାରେ ରଖି ଅନ୍ୟ ସମ୍ପ୍ରଦାୟ ବିରୁଦ୍ଧରେ ବିଷୋଦ୍‌ଗାର କଲେ । ସେ ବୁଝିଗଲେ କ'ଣ କଲେ ଦିଲ୍ଲୀ ତାଙ୍କର ହାତଛଡା ହେବନି । ମାଗଣା ବାଣ୍ଟି ହଜାର ହଜାର କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିବା ସହିତ ନିଜ ଦଳର ପ୍ରଚାର ପାଇଁ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଲେ । କ୍ଷମତାରେ ରହିବା ପାଇଁ ପଞ୍ଜାବରେ ଖାଲିସ୍ତାନୀ ସଂଗଠନ ସହିତ ହାତ ମିଳାଇବାକୁ ପଛେଇଲେ ନାହିଁ । ବିଜେପି ଏକ ହିନ୍ଦୁତ୍ୱବାଦୀ ସଂଗଠନ ବୋଲି ସମସ୍ତେ ଜାଣନ୍ତି। ୫୦ ଭାଗ ହିନ୍ଦୁ ଏ ଦଳକୁ ସମର୍ଥନ କରିଥା'ନ୍ତି। ସମର୍ଥନ କରିବା ପଛରେ କଂଗ୍ରେସର ହିନ୍ଦୁବିରୋଧୀ ମନୋଭାବ ଅଧିକ ପରିମାଣରେ ଦାୟୀ। ନରେନ୍ଦ୍ର ମୋଦି ସରକାରକୁ ହିନ୍ଦୁମାନେ ପୂର୍ଣ୍ଣ ସହଯୋଗ କରୁଛନ୍ତି, ହେଲେ ହିନ୍ଦୁମାନଙ୍କୁ ସମାନ ଅଧିକାର ଦେବାକୁ ସରକାର କୌଣସି ଠୋସ୍ ପଦକ୍ଷେପ ନେଉନାହାନ୍ତି । 'ସବ୍‌କା ସାଥ ସବ୍‌କା ବିକାଶ' ଓ 'ସବ୍‌କା ବିଶ୍ୱାସ'ର ନାରା ଦେଇ ସରକାର ମୁସଲମାନମାନଙ୍କୁ ଆସ୍ତେ ଆସ୍ତେ ବିଜେପି ଆଡକୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ହିନ୍ଦୁମାନେ ଭାବୁଛନ୍ତି ବିଜେପି କେବଳ ହିନ୍ଦୁମାନଙ୍କୁ ସହାୟତା କରିପାରିବ। ଦୀର୍ଘ ୭୫ ବର୍ଷ ସ୍ୱାଧୀନତା ପରେ ହିନ୍ଦୁମାନେ ଭାରତବର୍ଷରେ ଅବହେଳିତ ଅଛନ୍ତି । ହିନ୍ଦୁମାନଙ୍କ ଧାର୍ମିକ, ସାଂସ୍କୃତିକ, ଶିକ୍ଷାଗତ ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିଛି। ହିନ୍ଦୁ ମନ୍ଦିରକୁ ସରକାର ନିୟନ୍ତ୍ରଣ କରୁଛନ୍ତି । ହିନ୍ଦୁ ପିଲାମାନଙ୍କୁ ଧାର୍ମିକ ଶିକ୍ଷା ଦେବାକୁ ସରକାରୀ ସ୍କୁଲ collegeରେ ଅନୁମତି ନାହିଁ । ମୁସଲମାନମାନେ ୧୦/୧୫ ପିଲା ଜନ୍ମ କରିବା ଫଳରେ ହିନ୍ଦୁମାନଙ୍କ ପ୍ରତି ବିପଦ ଦେଖାଦେଇଛି । ସେମାନେ ଜାଣିଶୁଣି ସଂଖ୍ୟା ବଢ଼ାଇ ଚାଲୁଥିବାବେଳେ ସରକାର ଜନ୍ମ ନିୟନ୍ତ୍ରଣ କାନୁନ୍ ଆଣୁନାହାନ୍ତି। ଭାରତବର୍ଷରେ ୧୦୦ କୋଟି ହିନ୍ଦୁ ସମାନ ନିୟମ କଥା କହୁଥିବା ବେଳେ ସରକାର ଚୁପ ରହୁଛନ୍ତି। caa nrc କଥା ଉପରେ ବହୁତ ତୁମ୍ବିତୋଫାନ୍ ହେଲା । ସେ କୁଆଡେ ଗଲା କିଛି ଜଣାପଡୁନି। ମୋଦି ସରକାର ଜଣେ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ପଦରେ ବସାଇ ନିଜର ଭୋଟ ବ୍ୟାଙ୍କ୍‌କୁ ସୁରକ୍ଷିତ ରଖିବାକୁ ପ୍ରୟାସ କରଛନ୍ତି । pfi ଭଳି ସଂଗଠନ ଦେଶରେ ଅରାଜକତା ସୃଷ୍ଟି କରିଚାଲିଛି ଓ ଭାରତରେ ସାରିଆ ଆଇନ ଲାଗୁ ପାଇଁ ଯେଉଭଳି ପ୍ରୟାସ କରୁଛି ସେଇଭଳି ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରିବାକୁ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଭାରତର ୯ଟି ପ୍ରଦେଶରେ ହିନ୍ଦୁ ଅଳ୍ପସଂଖ୍ୟକରେ ପହଞ୍ଚିଲାଣି। ୨୦୦ ଜିଲ୍ଲାରୁ ହିନ୍ଦୁମାନେ ପଳାୟନ କରୁଛନ୍ତି। ମୁସଲମାନମାନେ ହିନ୍ଦୁ ଦେବାଦେବୀମାନଙ୍କୁ ଅରୁଚିକର ମନ୍ତବ୍ୟ ଦେଉଥିବା ବେଳେ ଯଦି କେହି ହିନ୍ଦୁ ସେମାନଙ୍କ ଧର୍ମ ଉପରେ କିଛି ମତାମତ ଦେଉଛି ତା'ର ଗର୍ଦ୍ଦନ କାଟି ଦିଆଯାଉଛି। ରାଜସ୍ଥାନ, କର୍ଣ୍ଣାଟକ, କୋଲକାତା ଘଟଣାରୁ ସ୍ପଷ୍ଟ ଅନୁମେୟ। ଓଡ଼ିଶାରେ ୨୦୦୮ ମସିହାରେ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଅତି ଅମାନୁଷିକ ଭାବରେ ହତ୍ୟା କରାଗଲା । ସେହି ସମୟରେ ବିଜେଡି ଓ ବିଜେପିର ମିଳିତ ସରକାର ଓଡ଼ିଶାରେ ଶାସନ କରୁଥିଲେ। ଚାରିଆଡୁ ଲୋକମାନେ ସ୍ୱର ଉତ୍ତୋଳନ କଲେ, ବିଜେପି ସରକାରରୁ ଓହରିଆସୁ । ହେଲେ ସେମିତି କିଛି ହେଲାନାହିଁ । ବିଜେପି କ୍ଷମତାଲୋଭରେ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କଲାନାହିଁ। ଯଦି ବିଜେପି ସମର୍ଥନ ପ୍ରତ୍ୟାହାର କରିଥା'ନ୍ତା ତାହାହେଲେ ପରବର୍ତ୍ତୀ ଅବସ୍ଥାରେ ସେ ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିଥା'ନ୍ତା। ଆଜିର ଦିଗହରା ହିନ୍ଦୁ ଯଦି ନିଜେ ସଜାଗ ନହେବ ଓ ନିଜ ଭିତରେ ସମନ୍ୱୟ ନରଖିବ କୌଣସି ରାଜନୈତିକ ଦଳ ତା'ର ରକ୍ଷାକରିବାକୁ ଆଗେଇଆସିବେ ନାହିଁ । ଦିନକୁ ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢି ବଢ଼ି ଚାଲିଛି । ହେଲେ ସରକାରଙ୍କ ନିଦ ଭାଙ୍ଗୁନି। ମୋଦି ସରକାରଙ୍କ ସବୁଠାରୁ ବଡ ସଫଳତା ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା। ଯେଉଁଭଳି ମୁସଲିମ ଜନସଂଖ୍ୟା ବଢିଚାଲିଛି କଟ୍ଟର ମୁସଲିମମାନେ ଯେଉଭଳି ଭାରତରେ ସାରିଆ ଆଇନ ଲାଗୁ କରିବାକୁ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରୁଛନ୍ତି ଯଦି ମୋଦି ଭୋଟ ହାତେଇବା ଲକ୍ଷ୍ୟରେ କଠୋର ଆଇନ ନ ଆଣନ୍ତି, ଏ ଅଯୋଧ୍ୟା ରାମମନ୍ଦିର ଯେ ଦିନେ ବାବରୀ ମସଜିଦ ନ ହେବ କିଏ କହିବ। ଭାରତର ଝାରଖଣ୍ଡ, ବିହାର, କେରଳ ଆଦି ପ୍ରଦେଶର କିଛି ମୁସଲିମବହୁଳ ଅଞ୍ଚଳରେ ଶୁକ୍ରବାର ନମାଜବାରିରେ ସ୍କୁଲଗୁଡ଼ିକୁ ବନ୍ଦ କରାଯାଉଛି । ଏହା ଏକପ୍ରକାର ସମ୍ବିଧାନ ଓ ଆଇନର ଖିଲାପ । କଂଗ୍ରେସ ସରକାର minority କମିଶନ ପଦ ସୃଷ୍ଟି କରିଥିଲେ। minorityର ସଂଜ୍ଞା ନିର୍ଦ୍ଧାରଣ କରାଯାଇନାହିଁ। ଅଧୁନା ଭାରତରେ ମୁସଲିମ ଜନସଂଖ୍ୟା ୨୦ କୋଟିରେ ପହଞ୍ଚିଲାଣି । କିନ୍ତୁ ସେମାନଙ୍କୁ minority status ଦିଆଯାଉଛି । ସରକାର ଏ ସମ୍ପର୍କରେ ଏକ ନୀତି ନିର୍ଦ୍ଧାରଣ କରିବା ଉଚିତ। ଅନ୍ତତଃପକ୍ଷେ ଯେଉଁ ଜିଲ୍ଲାରେ ହିନ୍ଦୁ ଅଳ୍ପସଂଖ୍ୟକ ସେହି ଜିଲ୍ଲାରେ ହିନ୍ଦୁମାନଙ୍କୁ ଅଳ୍ପ ସଂଖ୍ୟକ status ଦିଆଯିବା ଉଚିତ। ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ନିମିତ୍ତ ୧୦ ବର୍ଷ ସମ୍ବିଧାନରେ ସଂରକ୍ଷଣ କରାଯାଇଥିଲା। ୭୫ ବର୍ଷ ପରେ ବି କୌଣସି ରାଜନୈତିକ ଦଳ ତା'ର ସମୀକ୍ଷା କରୁନାହାନ୍ତି। କାରଣ ଏଥିରେ ଯିଏ ହାତ ଦେବ, ସେ ଦଳ ପୁନଃ କ୍ଷମତାକୁ ଫେରିବା କଷ୍ଟକର ହୋଇପଡିବ। ସବୁ ରାଜନୈତିକ ଦଳର ଗୋଟିଏ ଲକ୍ଷ୍ୟ ଯେକୌଣସି ଉପାୟରେ କ୍ଷମତାକୁ ଜାବୁଡି ଧରିବା କ୍ଷମତାଲିପ୍ସୁ ଦଳ ବା ନେତୃତ୍ୱ କେବେ ଦେଶର ପ୍ରଗତି ପାଇଁ ସହାୟକ ନୁହେଁ। ହିନ୍ଦୁମାନେ ଯେଉଁଭାବରେ ମୋଦି ସରକାରଙ୍କ ଉପରେ ଭରସା କରୁଛନ୍ତି ସରକାର ସେଭଳି ହିନ୍ଦୁମାନଙ୍କ ପାଇଁ କାର୍ଯ୍ୟ କରୁନାହାନ୍ତି ବୋଲି ହିନ୍ଦୁମାନଙ୍କ ଅଭିଯୋଗ। କଂଗ୍ରେସ ଯେଭଳି ନିଜକୁ ଦଳିତ ଓ ମୁସଲମାନମାନଙ୍କ ହିତୈଷୀ ଭାବରେ ନିଜକୁ project କରୁଥିଲା ଓ ପରେ ଏମାନେ କଂଗ୍ରେସର ଉଦ୍ଦେଶ୍ୟକୁ ବୁଝି ମୁହଁ ଫେରାଇ ନେଇଥିଲେ ଠିକ ସେଇଭଳି ହିନ୍ଦୁମାନେ ସମୟ ଆସିବ ବିଜେପିଠାରୁ ମୁହଁ ଫେରାଇନେବେ। ଅନେକ ହିନ୍ଦୁ ଭାବୁଛନ୍ତି ଗୋଟିଏ ହିନ୍ଦୁତ୍ୱବାଦୀ ସରକାର ଥାଇ ହିନ୍ଦୁମାନେ ସ୍ୱାଧୀନ ଭାବରେ ନିଜର ମତବ୍ୟକ୍ତ କରିପାରୁନାହାନ୍ତି । ଯଦି ରାଜନୈତିକ ଦଳ, ଦେଶ ଓ ଦେଶବାସୀଙ୍କ ପାଇଁ ସମର୍ପିତ, ତା'ହେଲେ ଅଣବିଜେପି ଶାସିତ ରାଜ୍ୟରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା କାହିଁକି ଲାଗୁ କରାଯାଉନାହିଁ! ଯଦି କେନ୍ଦ୍ର ସରକାର ୫ ଲକ୍ଷ ଟଙ୍କାର ସୁବିଧା treatment ପାଇଁ ଦେଉଛନ୍ତି ତା'ହେଲେ ସେ ସୁବିଧା ଲୋକଙ୍କୁ କାହିଁକି ଦିଆଯାଉନାହିଁ। ରାଜ୍ୟ ସରକାର ଯେତେ ଯୋଜନା କରିବା କଥା କରନ୍ତୁ, କେନ୍ଦ୍ର ଯୋଜନାର ସୁଫଳ ଲୋକ ପାଇଲେ ଅସୁବିଧା କୋଉଠି ରହିଲା। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ରାଜନୈତିକ ଦଳମାନେ ଲୋକଙ୍କ ପାଇଁ କାର୍ଯ୍ୟ କରୁନାହାନ୍ତି କେବଳ ସେମାନେ କ୍ଷମତାଲିପ୍ସୁ । ପ୍ରତ୍ୟେକ ରାଜ୍ୟ ସରକାର ନିର୍ବାଚନ ସମୟରେ ଟଙ୍କା ବାଣ୍ଟି ଓ ଲୋଭନୀୟ ଉପହାରର ଆଶା ଦେଇ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ କୌଣସି ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନନେଇ କିଛି ଲୋଭନୀୟ କାର୍ଯ୍ୟକ୍ରମ ଯଥା: କାଳିଆ ଯୋଜନା, ପିଠା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ଆଦି ମାଧ୍ୟମରେ ଦୀର୍ଘ ୨୨ ବର୍ଷ ଧରି କ୍ଷମତାକୁ ଜାବୁଡି ଧରିଛନ୍ତି । ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କ୍ଷମତାରେ ରହିବା ପାଇଁ ସମସ୍ତ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ କେତେବେଳେ ବିଜେପି ତ' କେତେବେଳେ ଆର୍‌ଜେଡ଼ି ସହିତ ସାଲିସ କରୁଛନ୍ତି। ଯେଉଁ ଆର୍‌ଜେଡ଼ି ଦଳକୁ ଦୁର୍ନୀତିଗ୍ରସ୍ତ ଦଳ କହି ସରକାରରୁ ଓହରି ଆସିଥିଲେ ପୁଣି ସେହି ଦଳ ସହିତ ଏବେ ମିଶି ସରକାର ଗଠନ କରିଛନ୍ତି । ଏହା କ'ଣ ଦେଶ ସ୍ୱାର୍ଥ ପାଇଁ ନା ନିଜର ସ୍ଥିତି ବଜାୟ ରଖିବା ପାଇଁ ! ଠିକ୍ କେଜ୍ରିବାଲ୍, ନୀତିଶ କୁମାର, ନବୀନବାବୁଙ୍କ ଭଳି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସେହିମାନଙ୍କ ପଦାଙ୍କ ଅନୁସରଣ କରୁଛନ୍ତି । ରାଜନୈତିକ ଦଳମାନେ ବୁଝିଗଲେଣି ଯେ କିଛି ଜନକଲ୍ୟାଣକାରୀ କାର୍ଯ୍ୟ ନ କରି ନିର୍ବାଚନ ସମୟରେ ଟଙ୍କା, ମଦ ଓ କିଛି ଲୋଭନୀୟ ସାମଗ୍ରୀ ବାଣ୍ଟି ଦେଲେ ନିର୍ବାଚନ ବୈତରଣୀ ପାର ହୋଇଯିବ । କ୍ଷମତାରେ ରହିବା ପାଇଁ ଯେଉଁଭଳି ରାଜନୈତିକ ଦଳଗୁଡିକ କୋଟି କୋଟି ଟଙ୍କା ରାଜକୋଷରୁ ବର୍ବାଦ କରି ନିଜ ଭିତରେ ପ୍ରତିଯୋଗିତା କରିଚାଲିଛନ୍ତି ସେଥିରେ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତା ପ୍ରକଟ କରିଛନ୍ତି। ତା'ହେଲେ ଆପଣମାନେ କୁହନ୍ତୁ ଆଜିର ରାଜନୀତି ସତ୍ତା ପାଇଁ ନା ଦେଶର ପ୍ରଗତି ପାଇଁ !

*-ଅବସରପ୍ରାପ୍ତ ପୋଲିସ୍ ଅଫିସର୍*

# ସେବା ଓ ଶାନ୍ତିର ଦେବୀ-ମଦର ଟେରେସା





ଦୁସ୍ଥ, ପୀଡିତ, ଦୁଃଖୀ ଓ ରଙ୍କିମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ। ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହିଭଳି ଜଣେ ସେବା ଓ ଶାନ୍ତିର ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ। ସେ ସମସ୍ତ ବିକାର ଓ ଘୃଣାକୁ ଭୁଲି ଲାଗି ପଡନ୍ତି ପୀଡିତର ସେବାରେ। ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗୀର ସେବା କରନ୍ତି। ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ (ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିତା ନିକୋଲା ବୋୟାକ୍ସିଉ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଉ୍ ଥିଲେ କ୍ୟାଥଲିକ ଖ୍ରୀଷ୍ଟିୟାନ। ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତ ଥିଲେ। ବଡ ପୁତ୍ର ଲାଜର, ମଧ୍ୟମ କନ୍ୟା ଆଗା ଓ ସାନଝିଅ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଉ୍ (ମଦର ଟେରେସା)। ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି। ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା। ବିଧବା ମାଆ ବହୁ ବାଧାବିଘ୍ନ ସତ୍ତ୍ୱେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ। ଦାରିଦ୍ର୍ୟ ଜନିତ ସମସ୍ତ ଦୁଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ। ଘର କାମରେ ସେ ମାଆଙ୍କୁ ସର୍ବଦା ସାହାଯ୍ୟ କରୁଥିଲେ। ସେ ଛୋଟବେଳରୁ ସତ୍ୟ, ଶାନ୍ତି, ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ। ନିୟମିତ ଗୀର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରୀଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତିଦିନର କାମ। ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା। ମାତାଙ୍କ ଅନୁମତି ନେଇ ସେ ଲୋରେଟୋ ସିଷ୍ଟରମାନଙ୍କ ସହ ଯୋଗଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗଦେଇ ନନ୍ ତାଲିମ ନେଲେ। ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ। ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଉଙ୍କ ନାମକରଣ କରାଗଲା ସିଷ୍ଟର ଟେରେସା। ୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପୀଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶ୍ରୟ ଲୋକଙ୍କ ମୁଖମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖିପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧ୍ୟକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଂଚ ଟଙ୍କା ଧରି ବସ୍ତି ଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସିଂ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି'। ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା। ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେବାସଦନ। ଏଠାରେ ଚାଲିଲା ମୃତ୍ୟୁପଥ ଯାତ୍ରୀମାନଙ୍କ ସେବାଶୁଶ୍ରୁଷା। ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଋର୍ମଚାରୀ। ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷୁ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ। ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ। ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦତଳେ ପଡି କ୍ଷମାଭିକ୍ଷା କଲେ। ବହୁ ଲୋକ ସହଯୋଗର ହାତ ବଢାଇଦେଲେ। ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯୀଶୁଙ୍କୁ ଦେଖିଥାଆନ୍ତି। ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତ୍ତବ୍ୟ। 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନ କଲେ ପ୍ରେମଦାନ ଓ ଶାନ୍ତନଗର। ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ। ମଦର ଟେରେସାଙ୍କର ସେବା କରିବାର ପରିସର ଅତି ବ୍ୟାପକ। ଗରିବ, ଦୁଃସ୍ଥ, ବୁଭୁକ୍ଷୁ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଏଦୀମାନଙ୍କର ସେବା ପୁନର୍ବାସ ପାଇଁ ମଦର ଟେରେସା ଲାଗିପଡିଥିଲେ। ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା। ମଦର ଟେରେସା ତାଙ୍କ ଅସାଧାରଣ ସେବାକାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା 'ରାମୋନ୍ ମାଗାସେସେ ପୁରସ୍କାର'। ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ XXIII ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆୱାର୍ଡ', ' ଜନ୍ ଏଫ. କେନେଡି ଇଣ୍ଟରନ୍ୟାସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', 'ଟେମ୍ପଲ୍‌ଟନ୍ ପୁରସ୍କାର', 'ମେଟେର୍ ଏଟ୍ ମାଜିଷ୍ଟ୍ରା ଆୱାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ ଫ୍ରାନ୍‌ସିସ୍ ଅଫ୍ ଆସ୍ସିସି' ପୁରସ୍କାର ପାଇଥିଲେ। ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତା'ପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇଲେ। କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରିଖରେ ମଦର ଟେରେସାଙ୍କୁ 'ଆଲବେନିଆ ସ୍ୱର୍ଣ୍ଣ ସମ୍ମାନ' ପ୍ରଦାନ କରିଥିଲେ। ୧୯୯୬ ମସିହାରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ। ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟେମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା। ଟେରେସାଙ୍କୁ 'ମିଶନାରୀଜ୍ ଅଫ ଚାରିଟି'ର ହେଡକ୍ୱାଟର 'ମଦର ହାଉସକୁ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫

## ତ୍ୟାଗରେ ଆନନ୍ଦ

ଜୀବନ ଗୋଟିଏ ପାଠଶାଳା। ଏଇଠି କେବଳ ବହି ପଢ଼ିଲେ ଜ୍ଞାନ ହୁଏନା। ମଣିଷମାନଙ୍କୁ ପଢ଼ିବାକୁ ହୁଏ। ସମସ୍ୟାମାନଙ୍କୁ ଭେଟିବାକୁ ହୁଏ। ସମାଧାନମାନଙ୍କୁ ଦେଖିବାକୁ ହୁଏ। ତାହାହେଲେ ଜୀବନ ସରସ ହୁଏ। ପ୍ରତ୍ୟେକଙ୍କ ଜୀବନ ଗୋଟିଏ ଗୋଟିଏ ବହି। ଏ ବହିର ପୃଷ୍ଠା ଆରମ୍ଭ ହୁଏ ଜନ୍ମରୁ। ଅନ୍ତୁଡ଼ିଶାଳରୁ। ବହିର ଶେଷପୃଷ୍ଠା ମଶାଣିରେ। ଜୁଇରେ। ଜୀବନକୁ ଆମେ ଯେମିତି ଦେଖୁ, ବାସ୍ତବ ଜୀବନ ସେମିତି ନୁହେଁ। ଜଣେ ଅନ୍ୟକୁ ଲୁଟ୍‌କରି ଆନନ୍ଦ ପାଏ। ଆଉ ଜଣେ ଦାନ କରିକରି ଆନନ୍ଦ ପାଏ। ଜଣେ ନିଜେ ହସି ହସି ଅନ୍ୟ ଆଖିରେ ଲୁହ ଦେଇ ଖୁସି ମନାଏ। ଆଉ ଜଣେ ନିଜ ଲୁହକୁ ଚାପିରଖି ଅନ୍ୟ ଓଠରେ ହସ ଭରିଦେଇ ଖୁସିହୁଏ। ଏ ନେଇ ଉଦାହରଣଟିଏ। ଦିନେ ଗୁରୁଜୀ ଶିଷ୍ୟକୁ ପଚାରିଲେ- 'ତୁମେ ଦୀର୍ଘ ସମୟ ଧରି ଠିଆହେଇଚ। ବସିବାକୁ ଟିକିଏ ଜାଗା ମିଳିଗଲା। ତେବେ ଖୁସିହେବ ନା ଦୁଃଖୀ ହେବ ?' ଶିଷ୍ୟଟି କହିପକେଇଲା- 'ଗୁରୁଜୀ, ଦୀର୍ଘ ସମୟ ଧରି ବାଟ ଚାଲିଥିବା ବା ଠିଆହେଇଥିବା ଲୋକଟି ତ ବସିବାକୁ ଜାଗା ଖୋଜୁଥାଏ। ଜାଗାଟିକିଏ ପାଇଲେ ସେ ନିଶ୍ଚିତ ବସିପଡ଼ିବ।' ତା' ପରଦିନ ଗୁରୁ ଓ ଶିଷ୍ୟ ଗୋଟିଏ ଦୂରଯାତ୍ରାରେ ବାହାରିଲେ। ସେମାନଙ୍କୁ ରେଳରେ ଯିବାକୁ ହେଲା। ଟିକେଟ୍ କରି ନିଜର ସ୍ଥାନ ସଂରକ୍ଷଣ କରିନେଲେ। କିଛି ବାଟ ଯିବା ପରେ କ୍ରମଶଃ ଭିଡ଼ ହେଲା। ଜଣେ ବୟସ୍କ ଲୋକ ଠିଆହେଇଥାଆନ୍ତି। ଯୁବକମାନେ ଫାଙ୍କା ଦେଖି ନିଜେ ବସିପଡୁଥିଲେ। ବୟସ୍କଙ୍କୁ ସ୍ଥାନ ଦେଉନଥିଲେ। କିଛି ସମୟ ପରେ ଶିଷ୍ୟଟି ନିଜ ଜାଗାରୁ ଉଠିଗଲା। ବୟସ୍କଙ୍କୁ ଜାଗାଦେଲା। ସମୟ କ୍ରମେ ଜଳଖିଆ ଖାଇବାର ବେଳହେଲା। ସମସ୍ତେ ନିଜ ନିଜର ବ୍ୟବସ୍ଥା କରୁଥିଲେ ହେଁ ବୟସ୍କଙ୍କ ପାଖରେ କିଛି ନ ଥିଲା। ଶିଷ୍ୟ ନିଜ ଭାଗରୁ ମଧ ବୟସ୍କଙ୍କୁ ଖୁଆଇଲା। ଏବେ ଉଭୟଙ୍କ ମନ ପ୍ରଫୁଲ୍ଲ। ଯାତ୍ରା ଶେଷରେ ଗୁରୁଜୀ ପଚାରିଲେ- 'ତୁମେ ଆଜି ଟିକେଟ୍ କରିଛ, ଅଥଚ ନିଜେ ଠିଆହେଲ। ଜଳଖିଆ ନେଇ ପେଟେ ଖାଇବା ବଦଳରେ ଅଧାଖାଇଚ। ଏଥିରେ କ'ଣ ତୁମେ ଆନନ୍ଦ ପାଇଛ ?' ଶିଷ୍ୟଟି ଉତ୍ତର ଦେଲା- 'ହଁ। ନିଶ୍ଚୟ ଆନନ୍ଦ ପାଇଛି। କେହି ଜଣେ ମତେ ଦୟାକରି ବସିବାକୁ ଦେଲେ ମୁଁ ଯେତିକି ଖୁସି ହୁଏ ଆଜି ଜଣକୁ ବସିବାର ସୁଯୋଗ ଦେଇ ମୁଁ ବେଶି ଖୁସି।' ବାସ୍ତବରେ ଏ ଜୀବନ ବହି। କାହାଠାରୁ ଛଡ଼େଇ ଆଣିଲେ ଯେତିକି ସୁଖମିଳେ, କାହାକୁ କିଛି ଦେଇଦେଲେ ବହୁ ସୁଖ ମିଳେ। ଯୋଉଁମାନେ ଦେଇଥିବେ ସେ ଅନୁଭବ ସେମାନଙ୍କର ଥିବ। କୌଣସି ମହାପୁରୁଷ କହିନାହାନ୍ତି, ଛଡ଼େଇ ଆଣି ଉପଭୋଗ କରିବାକୁ। ସମସ୍ତେ କହିଛନ୍ତି ଦେବାକୁ। ତ୍ୟାଗକରିବାକୁ। ତ୍ୟାଗରେ ଶାନ୍ତିମିଳେ। କିନ୍ତୁ ଆମ ମୂର୍ଖାମିରେ ଆମେ ଭୋଗରେ ଶାନ୍ତି ଖୋଜୁଛୁ। ଭୋଗରେ ତ ରୋଗ ମିଳିବ। ଆବଶ୍ୟକତା ଠାରୁ ଅଧିକ ଲୋଡ଼ିବା ହିଁ ଲୋଭ। କେବେ ବି ପରୀକ୍ଷା କରି ଦେଖନ୍ତୁ। ଅନ୍ୟ ପାଇଁ ସୁଖ ଚାହୁଁଥିବା ଲୋକ ହିଁ ଆପେ ଆପେ ସୁଖୀ ହେଇଯାଏ। କୌଣସି ଦୁଃଖୀ ଓଠରେ ଥରେ ହସ ଫୁଟାଇବାକୁ ଚେଷ୍ଟାକଲେ, ନିଜ ଓଠରେ ହସ ଉଙ୍କିମାରେ। ସେଥିପାଇଁ ବିଶ୍ୱ ସଂସ୍କୃତିରେ ଦାନ, ଧର୍ମ କରିବାର ବ୍ୟବସ୍ଥା ରହିଛି।




## ଉତ୍କଳ ଆଶ୍ରମ ପକ୍ଷରୁ କୃପାମୟ ଅନଙ୍ଗ ଭୀମଦେବଙ୍କ ତୈଳଚିତ୍ର ଉନ୍ମୋଚିତ

ଗଞ୍ଜାମ,(ପି.ଏନ): ବ୍ରହ୍ମପୁର ଉତ୍କଳ ଆଶ୍ରମ ନ୍ୟାସ ପକ୍ଷରୁ ବଡ଼ଖେମୁଣ୍ଡି ରାଜ୍ୟର ତତ୍କାଳୀନ ପ୍ରଜା ହିତୈଷୀ ରାଜା ଗଜପତି ମହାରାଜ ଶ୍ରୀ କୃପାମୟ ଅନଙ୍ଗ ଭୀମଦେବଙ୍କ ଶହେତମ ଶ୍ରାଦ୍ଧବାର୍ଷିକୀ ଅବକାଶରେ ଗତକାଲି ସନ୍ଧ୍ୟାରେ ଏକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଆଶ୍ରମ ନ୍ୟାସର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାଶ ଉଦ୍ଘାଟନ କରିଥିଲେ। ଏହି ସ୍ମୃତି ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେଇ କୁଳପତି ପ୍ରଫେସର୍ ଦାଶ ଉତ୍କଳ ସମ୍ମିଳନୀ ଓ ଓଡ଼ିଶା ପ୍ରଦେଶ ଗଠନରେ କୃପାମୟ ଦେବଙ୍କ ମହନୀୟ ଭୂମିକା ସମ୍ପର୍କରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ ସ୍ମାରକୀ ବକ୍ତୃତା ପ୍ରଦାନ କରି ୧୮୭୬ ମସିହାରେ ଜନ୍ମିତ ବଡ଼ଖେମୁଣ୍ଡି ରାଜ୍ୟର ପୁଣ୍ୟଶ୍ଳୋକ ମହାରାଜ ଶ୍ରୀ କୃପାମୟ ଅନଙ୍ଗ ଭୀମଦେବଙ୍କ ପ୍ରଜା ହିତୈଷୀ କାର୍ଯ୍ୟ, ସାହିତ୍ୟ ସାଧନା, ଜାତୀୟତାବୋଧ ଓ ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ କୃପାମୟ ଦେବଙ୍କ ସାରସ୍ୱତ ଜୀବନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟ ମୋହନ ପ୍ରସାଦ ଦେବ, ସୁଶାନ୍ତ ପ୍ରସାଦ ଦେବ, କିଶୋର ପ୍ରସାଦ ଦେବ ଓ ସାନଖେମୁଣ୍ଡି ରାଜ ପରିବାର ସଦସ୍ୟ ବୀରକିଶୋର ଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବଜ ମହାରାଜ କୃପାମୟ ଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶହେତମ ଶ୍ରାଦ୍ଧବାର୍ଷିକୀ ଅବକାଶରେ ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟମାନଙ୍କ ସହଯୋଗିତାରେ ଉତ୍କଳ ଆଶ୍ରମ ନ୍ୟାସ ପକ୍ଷରୁ ଏହି ସ୍ମୃତି ସମାରୋହରେ କୃପାମୟ ଅନଙ୍ଗ ଭୀମଦେବଙ୍କ ଏକ ତୈଳଚିତ୍ର ଉନ୍ମୋଚନ କରାଯାଇଥିଲା। ଓଡ଼ିଶାର ସୁଖ୍ୟାତ ସମାଲୋଚକ, କୃତବିଦ୍ୟ ଗବେଷକ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା ଅତିବଡୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ପ୍ରଫେସର୍ ସୁଦର୍ଶନ ଆଚାର୍ଯ୍ୟଙ୍କୁ ପ୍ରଥମ ଶ୍ରୀ କୃପାମୟ ଅନଙ୍ଗ ଭୀମଦେବ ସ୍ମୃତି ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ଡ. ଅନନ୍ତରାମ କର କୌଣ୍ଡିନ୍ୟଙ୍କ ଦ୍ୱାରା ଲିଖିତ ''ଗଜପତି ଶ୍ରୀ କୃପାମୟ ଅନଙ୍ଗ ଭୀମଦେବ'' ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ପ୍ରାରମ୍ଭରେ ଜଗନ୍ନାଥାଷ୍ଟକ ଗାନର ଭବ୍ୟ ବାତାବରଣ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କୁଳପତି ପ୍ରଫେସର୍ ଦାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡ. ହୃଷୀକେଶ ପଣ୍ଡା ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ ଏବଂ ଡ. ଲମ୍ବୋଦର ପାଣିଗ୍ରାହୀ ପ୍ରାକ୍-ସୂଚନା ପ୍ରଦାନ କରିଥିଲେ। ଡ. କୁଳମଣି ଓଝା ଶଙ୍କରାଚାର୍ଯ୍ୟଙ୍କ ବିରଚିତ ଜଗନ୍ନାଥାଷ୍ଟକ ସହ କୃପାମୟ ଦେବଙ୍କ ରଚିତ ''କି ଶୋଭା ଗୋ କୁଞ୍ଜେ ମଦନ ମୋହନ'' ସଂଗୀତ ପରିବେଷଣ କରିଥିଲେ ।ଉକ୍ତ ଶ୍ରାଦ୍ଧ ଶତବାର୍ଷିକୀ ସ୍ମୃତି ସମାରୋହ ସଂଚାଳନରେ ଡ. କୃଷ୍ଣ ପ୍ରସାଦ ମହାପାତ୍ର, ଅନୁପ କୁମାର ମିଶ୍ର, ଦୀନବନ୍ଧୁ ଶ୍ରୀପଲ୍ଲବ, ନଳିନୀକାନ୍ତ ଗୌଡ଼ ଓ ରାଜ ପରିବାରର ଦେବବ୍ରତ ଦେବ, ସିଦ୍ଧାନ୍ତ ଗଙ୍ଗଦେବ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ : ଦେବୀ ପିଠରେ ନବରାତ୍ର ପୂଜା ଆରମ୍ଭ

ବଲାଙ୍ଗୀର,(ପି.ଏନ):ଦଶହରା ପାଇଁ ବଲାଙ୍ଗୀର ସହର ଉତ୍ସବ ମୁଖର ହୋଇଉଠିଛି । କରୋନାର ଦୁଇ ବର୍ଷର ବିଭୀଷିକା ପରେ ଚଳିତ ବର୍ଷ ଭକ୍ତମାନେ ଦୁର୍ଗା ଦେବୀଙ୍କୁ ସମ୍ମୁଖ ଦର୍ଶନ ପାଉଛନ୍ତି । ମା ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ସମସ୍ତଙ୍କ ମନରେ ଉତ୍ସାହ । ଆଜି ମହାଳୟା । ମା ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି ଭକ୍ତଙ୍କୁ । ସେହିଭଳି ଦେଉଳ ବନ୍ଧ ନିକଟରେ ପୂଜା ପାଉଥିବା ମା ଦୁର୍ଗା ମଧ ଧବଳମୁଖୀ ବେଶରେ ଦର୍ଶନ ଦେଉଛନ୍ତି ।ଏଣୁ ଆଜି ସକାଳୁ ମନ୍ଦିର ମାନଙ୍କରେ, ବିଶେଷ କରି ମା ସମଲେଶ୍ୱରୀ ମନ୍ଦିର ଏବଂ ଦୁର୍ଗା ମନ୍ଦିରରେ ଭିଡ଼ ରାତ୍ରି ପର୍ଯ୍ୟନ୍ତ ଲାଗି ରହିବ । ଭକ୍ତଙ୍କ ଅସମ୍ଭାଳ ଭିଡ଼ ପାଇଁ ପୋଲିସ ସଜାଗ ରହିଛି । ମନ୍ଦିରର ନିୟମ ମାନି ଶୃଙ୍ଖଳା ରଖି ମହାଳୟାରେ ମା ଙ୍କ ଧବଳମୁଖୀ ବେଶ ଦର୍ଶନ ପୂର୍ବକ ମା ଙ୍କ ସାନିଧ ଲାଭ କରିବାକୁ ନିବେଦନ କରାଯାଇଛି ।ସେହିପରି ଏହି ପାର୍ବଣ ଋତୁରେ ଜିଲ୍ଲାର ସମସ୍ତ ଦେବୀ ପୀଠରେ ତଥା ଅନେକ ସାର୍ବଜନୀନ ଦୁର୍ଗା ପୂଜା ମଣ୍ଡପରେ ମା ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଯାଇଛି । ନିଜ ଉଦ୍ୟମରେ ପୂଜା କମିଟି ମାନେ ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ପୂଜା କର୍ମ ଆରମ୍ଭ ହୋଇଛି । ଦୁଇ ତିନି ବର୍ଷ କରୋନା ମହାମାରୀ କଟକଣା ଯୋଗୁଁ ମାଙ୍କୁ ଦର୍ଶନ ଦୁର୍ଲଭ ହୋଇଥିଲା । ଚଳିତ ବର୍ଷ ଏହି ପାର୍ବଣ ରୁତୁରେ ମାଙ୍କ ଦର୍ଶନ ପାଇଁ ଅନେକ ଭିଡ ହେବାର ସମ୍ଭାବନା ଥିବାରୁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଛାତ୍ର ଛାତ୍ରୀପୁରସ୍କୃତ

କନ୍ଧମାଳ,(ପି.ଏନ): ରବିବାରଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ କ୍ଲବ ର ସମ୍ମିଳନୀ କକ୍ଷ ଠାରେସ୍କୁଲ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବେସିକ ଏଜୁକେସନ ଉପରେ ହୋଇଥିବା ଏକ ପ୍ରତିଯୋଗୀତା ର କୃତି ଛାତ୍ରଛାତ୍ରୀ ଙ୍କୁମାନପତ୍ର, କପ, ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ତଥା ବରିଷ୍ଠ ଆଇନଜୀବୀ ହରିଶ୍ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ ସମ୍ମାନିତ ଅତିଥି ଭାବେ ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ ମନରଞ୍ଜନ ପଟନାୟକ, ଓ ମୁଖ୍ୟ ବକ୍ତା ଭାବେ ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ସମାଜସେବୀ ବିପ୍ର ଚରଣ ପାତ୍ର,ଯୋଗ ଦେଇ ଦୀର୍ଘ ଚାଳିଶ ରୁ ଉର୍ଦ୍ଧ୍ୱ ବର୍ଷ ଧରି ରୋଟାରୀ କ୍ଲବ କିପରି ସମାଜ ସେବାରେ ନିଜକୁ ସାମିଲ କରି ପାରିଛି ସେ ସମ୍ପର୍କରେ ବର୍ଣନା କରିଥିଲେ, ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶସୁରକ୍ଷା ଦିଗରେ ରୋଟାରୀ କ୍ଲବ ଉଲ୍ଲେଖନୀୟ କାର୍ଯ୍ୟ କରି ବେଶ ପ୍ରସଂଶିତ ମଧ ହୋଇଛି । ଅନ୍ୟ ମାନଙ୍କ ମଧ୍ୟରେ କର୍ମେଲ ସ୍କୁଲ ଅଧକ୍ଷ ଓ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଚାର୍ଯ୍ୟ ମଧ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣ ର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ ରବି ନାରାୟଣ ସୁବୁଦ୍ଧି,ପାବନ କୁମାର ଅଗ୍ରୱାଲ, କେ. ଜ୍ଞାନ ଦୋରା, ପଦ୍ମ ଚରଣ ସ୍ୱାଇଁ, ଦେବେନ୍ଦ୍ର ପାତ୍ର, କୁନ୍ଦନ ସିଂହ, ପ୍ରକାଶ କୁମାର ପଣ୍ଡା, ପ୍ରସନ୍ନ ପଣ୍ଡା, ଶ୍ରୀମତୀ ବିରାଜିନୀ ମହାପାତ୍ର, ଡି. ଅରୁଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାରମେଲ ଇଂରାଜୀ ମିଡ଼ିଅମ ସ୍କୁଲ, ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଚାଶ ଜଣ ଛାତ୍ର, ଛାତ୍ରୀ ଏହି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ।

## "ସଶକ୍ତ ଓ ଶ୍ରେଷ୍ଠ ଭାରତ" ଗଠନରେ 'ଏକାତ୍ମମାନବ ଦର୍ଶନ ଏବଂ ଅନ୍ତ୍ୟୋଦୟ'ର ଭୂମିକା ବହୁ ମହତ୍ୱପୂର୍ଣ୍ଣ: ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): ଗତ କିଛି ବର୍ଷ ଭିତରେ ଭାରତବର୍ଷ ଆଜି ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛି । ପଣ୍ଡିତ ଦୀନଦୟାଳଜୀଙ୍କ 'ଏକାତ୍ମମାନବ ଦର୍ଶନ' ଏବଂ 'ଅନ୍ତ୍ୟୋଦୟ' ବିଚାର ଆଧାରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରିଛନ୍ତି । ସମଗ୍ର ବିଶ୍ୱବାସୀ ଏହାର ସୁଲାଭ ପାଇଛନ୍ତି ଏବଂ ଆଗାମୀ ଦିନରେ ଭାରତବର୍ଷଠାରୁ ଆହୁରି ଅଧିକ ଅପେକ୍ଷା ରଖିଛନ୍ତି । ଭାରତବର୍ଷର ଗରିବଙ୍କୁ ସଶକ୍ତିକରଣ ସରିବା ସହ "ସଶକ୍ତ ଓ ଶ୍ରେଷ୍ଠ ଭାରତ" ଗଠନରେ 'ଏକାତ୍ମମାନବ ଦର୍ଶନ' ଏବଂ 'ଅନ୍ତ୍ୟୋଦୟ'ର ମହତ୍ୱପୂର୍ଣ୍ଣ ଭୂମିକା ପ୍ରମୁଖ ରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।ସମାଜରେ ଅତ୍ୟନ୍ତ ସାଧାରଣ ଜୀବନ ଯାପନ କରୁଥିବା ଲୋକମାନଙ୍କ ଅକୁହା କଥାକୁ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରକାଶ କରିଥାନ୍ତି, ଯାହାକି ଆମ ସମସ୍ତଙ୍କ ଜୀବନଧାରାକୁ ପ୍ରଭାବିତ କରିଥାଏ । ଆଜିର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମୋଦିଜୀ ଦେଶରେ ୭୦ ବର୍ଷ ଧରି ଲୋପ ପାଇଥିବା ଚିତା ବାଘକୁ ପୁଣି ଥରେ ଭାରତକୁ ଆଣିବା, ଦିବ୍ୟାଙ୍ଗଙ୍କୁ ସମ୍ମାନ ପ୍ରଦାନ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଭାରତବର୍ଷର ସମ୍ମାନ ବୃଦ୍ଧି ପାଇବା, କରୋନା ସଂକଟ କାରଣରୁ ଚଳିତ ମାସ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କ୍ରୀଡାବିତଙ୍କୁ ଉତ୍ସାହିତ କରିବା ଆଦି ପ୍ରସଙ୍ଗ ବାସ୍ତବରେ ଆଜି ଆମ ସମସ୍ତଙ୍କୁ ପ୍ରଭାବିତ କରିଛି । ଜଳବାୟୁ ପରିବର୍ତନ ଏବଂ ଦେଶର ୭୫୦୦ କିଲୋମିଟର ବ୍ୟାପୀ ସାମୁଦ୍ରିକ ବେଳାଭୂମି ଦୂଷିତ ହେବାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାବ୍ୟକ୍ତ ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ । ଆମେ ସମସ୍ତେ ଏକାଠି ହୋଇ ଏହାର ମୁକାବିଲା କରିବା ସହ ଆଗାମୀ ପାର୍ବଣ ଋତୁରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନକରିବାକୁ ଶ୍ରୀ ମହାନ୍ତି ନିବେଦନ କରିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ପାର୍ଟୀର ପ୍ରତିଷ୍ଠାତା ସାଧାରଣ ସଂପାଦକ ତଥା ମାର୍ଗଦର୍ଶକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ୧୦୬ ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି । ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତାମାନେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୯୩ତମ ସଂସ୍କରଣକୁ ରେ ଏକାଠି ହୋଇ ଶୁଣିଥିଲେ । ପଣ୍ଡିତ ଦୀନଦୟାଲଜୀଙ୍କ ୧୦୬ତମ ଜନ୍ମ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମନ୍ କି ବାତ୍'ର ବାର୍ତା ନିଶ୍ଚିତ ଭାବେ ଦେଶର ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ଅନୀତା ଶୁଭଦର୍ଶିନୀ, ବରିଷ୍ଠ ନେତା ସଜ୍ଜନ ଶର୍ମା, ଭୁବନାନନ୍ଦ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୁଦର୍ଶନ ନାୟକ, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ରାଜ୍ୟ ମୁଖପାତ୍ର ରମାରଂଜନ ବଳିୟାରସିଂହ, ଠାକୁର ରଣଜିତ୍ ଦାସ, ସତ୍ୟବ୍ରତ ପଣ୍ଡା, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୯ ସେପ୍ଟେମ୍ବର ଭୁବନେଶ୍ୱର ଠାରେ ହେବାକୁ ଥିବା ବିଶାଳ ଗଣ ବିକ୍ଷୋଭ ପରିପ୍ରେକ୍ଷୀରେ ଏସ୍. ୟୁ. ସି. ଆଇ କମ୍ୟୁନିଷ୍ଟ ପକ୍ଷରୁ ଜୟପୁର ରେ ପ୍ରଚାର ଅଭିଯାନ

ଜୟପୁର,(ପି.ଏନ): ଜୟପୁର ସହରର ବିଭିନ୍ନ ଛକ ସ୍ଥାନରେ ଏସ୍. ୟୁ. ସି. ଆଇ କମ୍ୟୁନିଷ୍ଟ ପକ୍ଷରୁ ଆଗାମୀ ୨୯ ସେପ୍ଟେମ୍ବର ଭୁବନେଶ୍ୱର ଠାରେ ହେବାକୁ ଥିବା ବିଶାଳ ଗଣ ବିକ୍ଷୋଭ କୁ ସଫଳ କରିବା ପାଇଁ ପ୍ରଚାର ଓ ପଥ ପ୍ରାନ୍ତ ସଭା କରି ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି ।ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଦିନକୁ ଦିନ ହୁହୁ ହେଇ ବଢ଼ି ଚାଲିଛି, ପେଟ୍ରୋଲ, ଡିଜେଲ୍, ରନ୍ଧନ ଗ୍ୟାସ୍ ସରକାରୀ ନିୟନ୍ତ୍ରଣ ମୁକ୍ତ ହେବାପରେ କମ୍ପାନୀ ମାନଙ୍କର ଲାଭ ଖୋର୍ ମନ ବୃତ୍ତି ଯୋଗୁଁ ଆନ୍ତର୍ଜାତିକ ବଜାର ତୁଳନାରେ ଭାରତରେ ବହୁଗୁଣରେ ମୂଲ୍ୟ ବୃଦ୍ଧି ହୋଇଛି । ସେହିପରି ବିଦ୍ୟୁତ୍ ବିଭାଗ ଘରୋଇ ଟାଟା କମ୍ପାନୀ ହାତକୁ ଗଲାପରେ ନିରବଚ୍ଛିନ୍ନ ବିଦ୍ୟୁତ୍ତ ଦୂରର କଥା ଘନଘନ ବିଜୁଳୀ କାଟ ଓ ମୂଲ୍ୟ ବୃଦ୍ଧି ଘଟି ଚାଲିଛି । ନାରୀ ନିର୍ଯାତନା ଅପସଂସ୍କୃତି ଓ ଭ୍ରୁଣ ହତ୍ୟା ବଢ଼ିବଢ଼ି ଚାଲିଛି , ଏହିଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନସାଧାରଣଙ୍କ ମୁକ୍ତି ପାଇଁ ଏକ ମାତ୍ର ସଠିକ୍ ବିପ୍ଳବୀ ପାର୍ଟି ଏସ୍. ୟୁ.ସି.ଆଇ. କମ୍ୟୁନିଷ୍ଟ ଆହ୍ୱାନ ରେ ଆଗାମୀ ୨୯ ସେପ୍ଟେମ୍ବର ଭୁବନେଶ୍ୱର ଠାରେ ୧୨ ଦଫା ଦାବୀ ନେଇ ଏକ ବିଶାଳ ଗଣ ବିକ୍ଷୋଭ ଅନୁଷ୍ଠିତ ହେଉଛି ।ଏହି ରାଜ୍ୟ ସ୍ତରୀୟ ଗଣ ବିକ୍ଷୋଭ କୁ ସଫଳ କରିବା ପାଇଁ ଆଜି ଜୟପୁର ସହରର ବିଭିନ୍ନ ଛକ ମାନଙ୍କରେ ଦଳ ପକ୍ଷରୁ ପ୍ରଚାର ଅଭିଯାନ ଓ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି ।ଦଳର ଜିଲ୍ଲା ସାଂଗଠନିକ କମିଟି ସମ୍ପାଦକ କମ୍ରେଡ କାହ୍ନୁ ବିଶ୍ୱାଳଙ୍କ ପ୍ରତିନିଧିତ୍ୱ ରେ ହୋଇଥିବା ଏହି ପ୍ରଚାର ଅଭିଯାନ ରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ସାଦାଶିବ ଦାସ , କମ୍ରେଡ୍ ସୂର୍ଯ୍ୟ ନାରାୟଣ ବିଶୋଇ, କମ୍ରେଡ୍ ରାମ ବାରିକ୍, ଶିକ୍ଷକ ନେତା ପ୍ରଦ୍ୟୁମ୍ନ ସାନ୍ତ୍ରା ,ଶ୍ରମିକ ନେତା ସୁଭାଷ ଭାଟାଚାର୍ଯ୍ୟ, ଛାତ୍ର ନେତା ଜଗନ୍ନାଥ ହରିଜନ, ସୂର୍ଜିତ ସ୍ୱାଇଁ, ନାରୀ ନେତ୍ରୀ ଲକ୍ଷ୍ମୀ ବାରିକ୍, ଯୁବ ନେତା ରବୀନ୍ଦ୍ର ପଣ୍ଡା, ଦଶରଥ ଖିଲ, ସୁନିଲ ବାରିକ, କେଦାର ବାରିକ, ଝିଲି ବାରିକ ପ୍ରମୁଖ ସାମିଲ ହୋଇଥିଲେ ।

## ନୁଆଁପଦର ଠାରେ ପଣ୍ଡିତ ଦିନଦୟାଲଙ୍କ ଜନ୍ମ ଦିବସ ପାଳିତ

କନ୍ଧମାଳ, (ପି.ଏନ): ଫିରିଙ୍ଗିଆ ବ୍ଲକ ର ନୂଆପଦର ପଂଚାୟତ, ଜାର୍ଗୀପଡ଼ା ଠାରେ ଫୁଲବାଣୀ ନେହରୁ ଯୁବ କେନ୍ଦ୍ର ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ସଙ୍ଘ ଜାର୍ଗୀପଡ଼ାର ମିଳିତ ଆନୁକୂଲ୍ୟରେ ପଣ୍ଡିତ ଦିନ ଦୟାଲଙ୍କ ଜନ୍ମ ଦିବସ ପାଳିତ ହୋଇ ଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଫିରିଙ୍ଗିଆ ବ୍ଲକ ଉନ୍ନୟନ ଅଧିକାରୀ, ରରଶ୍ମିରଞ୍ଜନ ମହନ୍ତ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ,ଫିରିଙ୍ଗିଆ ସରପଞ୍ଚ ଭବାନୀ ଶଙ୍କର କହଁର, ଶିକ୍ଷକ ଜନ୍ମେଜୟ କହଁର, ସାମ୍ବାଦିକ ଶରତ କୁମାର ମହାନ୍ତି, ନାରାୟଣ ମଲ୍ଲିକ, ମୟୁରଭଞ୍ଜ ମଲ୍ଲିକ, ଉଦୟନାଥ ମଲ୍ଲିକ, ସୁବାଷ ମଲ୍ଲିକ ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛାସେବୀ ସୁଭଦ୍ରା କହଁର ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବକ ସଙ୍ଘର ସଭ୍ୟ ସଭ୍ୟା ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଦିବସରେ ଏକ ଆଲୋଚନା ଚକ୍ର, ପଦଯାତ୍ରା, ସ୍ୱଚ୍ଛ ଭାରତ, ଫୁଟବଲ ପ୍ରତିଯୋଗିତା,ବୃକ୍ଷ ରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ହୋଇ ଥିଲା। ମୁଖ୍ୟ ଅତିଥି କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ, ଉପସ୍ଥିତ ଯୁବ ପିଢିକୁ ଅବଗତ କରାଇଥିଲେ। ବୈଠକରେ ରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ସଙ୍ଘ ର ସଭାପତି ଦୀନବନ୍ଧୁ କହଁର ମୁଖ୍ୟ ଅତିଥି,ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ନେହରୁ ଯୁବ କେନ୍ଦ୍ର ର ସ୍ୱେଚ୍ଛାସେବୀ ସୁଭଦ୍ରା କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୬ ତମ ଜନ୍ମ ଦିବସ



ଭୁବନେଶ୍ୱର,(ପି.ଏନ): ସଂସାର ସାଗରର ଦୁଃଖ, ଦୈନ୍ୟ, ଆଦି ବ୍ୟାଧିଗ୍ରସ୍ତ ଅଶାନ୍ତ ଅସ୍ଥିର ମନୁଷ୍ୟର କ୍ଳେଶ ଲାଘବ କରିବା ପାଇଁ ପୂଜ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ ଆଜକୁ ୧୦୬ ବର୍ଷ ପୂର୍ବେ ୧୯୧୬ ମସିହା ସେପ୍ଟମ୍ବର ୨୪ ତାରିଖରେ ମାଙ୍ଗାଲୋର ଠାରେ ଜନ୍ମଗ୍ରହଣ କରିଥିଲେ। ସ୍ୱାମୀଜୀଙ୍କର ଏହି ଜନ୍ମଦିବସ ଶିବାନନ୍ଦ ସରସ୍ୱତୀ ଶତବାର୍ଷିକୀ ବାଳକ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଦିବା ୧୦ଘଟିକା ସମୟରେ ସ୍ୱାମୀଜୀ ମହାରାଜାଙ୍କ ପାଦୁକା ପୂଜାସହ ଲକ୍ଷାର୍ଚ୍ଚନା ହୋଇଥିଲା । ଓ ପରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାକୁ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ ପରିଚାଳନା କରିଥିଲେ ଓ ସ୍ୱାମୀ ଜଗନ୍ନାଥାନନ୍ଦ ଅତିଥି ପରିଚୟ ସହ ପ୍ରାରମ୍ଭିକ ଭାଷଣ ରଖିଥିଲେ। ଏହି ସଭାରେ ସମ୍ମାନିତ ଅତିଥିଭାବେ ରିଜର୍ଭବ୍ୟାଙ୍କର ଅବସରପ୍ରାପ୍ତ ରିଜିଓନାଲ ଡାଇରେକ୍ଟର ଶ୍ରୀତମ ରନ ଦାସ, ପ୍ରଶାସନିକ ଅଧିକାରୀ ପ୍ରସାନ୍ତ କୁମାର ପ୍ରଧାନ ଓ ୱାର୍କସ ବିଭାଗର ଯୁଗ୍ମସଚିବ ଶ୍ରୀ ମହେନ୍ଦ୍ର କୁମାର ପଣ୍ଡା ଓ ପ୍ରଫେସର ବିଶ୍ୱମୋହନ ପଟ୍ଟନାୟକ ଯୋଗଦେଇ ସ୍ୱାମିଜୀ ମହାରାଜଙ୍କ ଜୀବନୀ ଓ ଉପଦେଶାବଳୀ ସହ ଛାତ୍ର ଜୀବନରେ ଆଧାତ୍ମିକ ଶିକ୍ଷାର କିପରି ଆବଶ୍ୟକତା ରହିଛି ସେ ବିଷୟରେ ଉପସ୍ଥିତ ଛାତ୍ର, ଅଭିଭାବକ ଓ ଆଶ୍ରମ ବାସୀକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପସଭାପତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ, ସ୍ୱାମୀ ପ୍ରଜ୍ଞାନନ୍ଦ ଛାତ୍ରମାନଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରଫୁଲ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟଙ୍କ ନିରପେକ୍ଷ ତଦନ୍ତ ଦାବି କଲା କଂଗ୍ରେସ

ଭୁବନେଶ୍ୱର ,(ପି.ଏନ): ଗୋପ ବ୍ଲକ ୧୧ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟାର ସତ୍ୟାସତ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଆଜି ପ୍ରଦେଶ କଂଗ୍ରେସର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଶିବାନନ୍ଦ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଡିସିପି ଶ୍ରୀ ପ୍ରତୀକ ସିଂଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା କଂଗ୍ରେସ ସଭାପତି, ନିମାପଡ଼ାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଶ୍ରୀ ରବିନ୍ଦ୍ର କୁମାର ସେଠୀ ଡିସିପି ଶ୍ରୀ ସିଂକୁ କହିଥିଲେ ଯେ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା କରିବାର କିଛି ସମୟ ପୂର୍ବରୁ ତାଙ୍କ ମୋବାଇଲର ଫେସବୁକ ପେଜରେ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ପୋଷ୍ଟ କରିଥିଲେ। କିନ୍ତୁ ମୃତ୍ୟୁର ଅଳ୍ପ ସମୟ ଭିତରେ ତାଙ୍କ ଫେସବୁକ ପେଜରୁ ତାହା ଡିଲିଟ୍ ହୋଇଯାଇଛି। ତେଣୁ ଏହି ସମୟ ଭିତରେ ମୋବାଇଲରୁ କିଏ ଓ କାହିଁକି ତାଙ୍କ ପୋଷ୍ଟକୁ ଡିଲିଟ୍ କଲା ? ତାଙ୍କ ମୋବାଇଲ ଏହି ସମୟ ମଧ୍ୟରେ କାହା ପାଖରେ ଥିଲା ? ତାଙ୍କ ଫେସବୁକ ପେଜ ପୋଷ୍ଟରେ ସେ ଆହୁରି ମଧ କହିଛନ୍ତି ତାଙ୍କ ଦୁଇଟି ମୋବାଇଲରେ ବହୁ ଆପତିଜନକ ଭିଡିଓ କ୍ଲିପକୁ ସେ ରଖିଛନ୍ତି ଯାହା ଓଡ଼ିଶାର ପ୍ରତ୍ୟେକ ଜନସାଧାରଣ ନିଶ୍ଚିତ ଭାବରେ ଜାଣିବା ଉଚିତ ସେ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତି ନେଲେ ନା ତାଙ୍କୁ ଏ ନିଷ୍ପତି ନେବାକୁ ବାଧ କରାଗଲା। ଭୁବନେଶ୍ୱର ଧଉଳି ଥାନାର ତଦନ୍ତକାରୀ ଅଧିକାରୀ ନିମାପଡ଼ା ଅଂଚଳର ହୋଇଥିବା ସହିତ ତାଙ୍କର ବହୁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ ସୁ ସଂପର୍କ ଥିବା ହେତୁ ତାଙ୍କୁ ଏଭଳି ଏକ ସଂଗୀନ ସ୍ୱର୍ଷକାତର ଘଟଣାର ତଦନ୍ତ ଦାୟିତ୍ୱରୁ ତୁରନ୍ତ ହଟାଇବାକୁ କଂଗ୍ରେସ ନେତୃବର୍ଗ ଦାବି କରିଛନ୍ତି । ଧର୍ମେନ୍ଦ୍ର ସାହୁଙ୍କୁ ଆତ୍ମହତ୍ୟା କରିବାପାଇଁ କିଛି ଏଭଳି ପରିସ୍ଥିତି ବାଧ୍ୟ କରିଥିଲା କି ? ବିଭିନ୍ନ ଗଣମାଧ୍ୟମରୁ ସରକାରୀ ଦଳର ବିଧାୟକ ତଥା ମନ୍ତ୍ରୀଙ୍କର ସମ୍ପୃକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ଏ ଘଟଣାର ସଂପୂର୍ଣ୍ଣ ନିରପେକ୍ଷ ତଦନ୍ତ ଦାବି କରିବା ସହିତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାପାଇଁ କଂଗ୍ରେସ ଦଳର ନେତୃବର୍ଗ ଡିସିପିଙ୍କୁ ଦାବି କରିଥିଲେ। ଭୁବନେଶ୍ୱର ଡିସିପି ଶ୍ରୀ ପ୍ରତୀକ ସିଂ ତୁରନ୍ତ ତଦନ୍ତ ଅଧିକାରୀଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେବା ସହିତ ଦିବଗଂତ ଧର୍ମେନ୍ଦ୍ର ସାହୁଙ୍କ ମୋବାଇଲ ଦୁଇଟିକୁ ରାଜ୍ୟ ଫରେନସିଂକ ଲାବ୍ରୋଟାରୀକୁ ପଠାଯାଇଛି ବୋଲି କହିଛନ୍ତି ଏବଂ ନିରପେକ୍ଷ ତଦନ୍ତ ନିଶ୍ଚିତ ଭାବରେ କରାଯିବାର ପ୍ରତିଶୃତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ପୁରୀ ଜିଲ୍ଲା କାର୍ଯ୍ୟକାରୀ ଉପସଭାପତି ଶ୍ରୀ ଲଲାଟେନ୍ଦୁ ଦାଶ, ସଂଖ୍ୟାଲଘୁ ବିଭାଗର ଅଧକ୍ଷ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଜିଆ ଉଲ ହକ, ରାଜ୍ୟ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି, ଶ୍ରୀ ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଶ୍ରୀ ଅରବିନ୍ଦ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜରମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ଯୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ। ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ। ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା।

## ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲିୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସି ଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।






# ଖଣି ବ୍ୟବସାୟୀଙ୍କ କଳା ସାମ୍ରାଜ୍ୟର ଖିଅ ଖୋଜୁଛି ଆୟକର ବିଭାଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦୁରିଆ ପ□ାୟତ ସାରୋଇ ଗ୍ରାମର ବିଶିଷ୍ଟ ଖଣି ବ୍ୟବସାୟୀ ଶ୍ରୀବାସ ଜେନାଙ୍କ ବେଆଇନ ବ୍ୟବସାୟର ଖିଅ ଖୋଜୁଛି ଆୟକର ବିଭାଗ । ବିଭାଗୀୟ ଅଧିକାରୀ ମଙ୍ଗରାଜ ସେଠୀଙ୍କ ନେତୃତ୍ୱରେ ଆସିଥିବା ତଦ‘କାରୀ ଦଳ ୪ ଦିନ ହେଲା ଶ୍ରୀବାସ ଓ ତାଙ୍କ ସହଯୋଗୀଙ୍କ କଳା ସାମ୍ରାଜ୍ୟର ଖୋଳତାଡ଼ କରୁଥିଲେ ହେଁ, ଏହାର ଚେର କେତେ ଦୂର ଲମ୍ବିଛି ସେ ସଂପର୍କରେ କୌଣସି ସୂଚନା ଦେଉନି । ବିରି ମାଡ଼ ଦେଖି କୋଳଥ ଚେପା ସଦୃଶ ଏହି ଚଢ଼ଉ ପରଠାରୁ ଧର୍ମଶାଳା ତହସିଲ ଅ□ଳର ଅଧିକାଂଶ ଖଣି ଖାଦାନ, କ୍ରସର, ବାଲିଘାଟ ଆଦି ସୈରାତ୍ ବନ୍ଦ ରହିଛି । ବ୍ୟବସାୟିକ ସହଯୋଗୀଙ୍କ ଏଭଳି ଦୁର୍ଦ୍ଦିନରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅ□ଳରେ ଦେଖିବାକୁ ନମିଳିବା ଘଟଣା ଏହାକୁ ଅଧିକ ରହସ୍ୟମୟ କରି ଦେଇଛି । ଗତ ୧୬ତାରିଖ ଭୋରୁ ଆୟକର ବିଭାଗର ଅଧିକାରୀମାନେ ଶ୍ରୀବାସଙ୍କ ସାରୋଇ ଗ୍ରାମସ୍ଥିତ ପୈତୃକ ଘର, କାର୍ଯ୍ୟାଳୟ, ହରିଦାସପୁର ମୌଜାରେ ଥିବା ଷ୍ଟକ୍‌ୟାର୍ଡ଼, ପରିବହନ ସଂସ୍ଥା ଏସ୍‌ଟି ମିନେରାଲସ୍, ଅତ୍ୟ‘ ଘନିଷ୍ଠ ସହଯୋଗୀ ପ୍ରଶା‘ କୁମାର ଜେନାଙ୍କ ପିକେ ମିନେରାଲସ୍, ପଣ୍ଡୁଆ ଶିଳ୍ପା□ଳରେ ଥିବା ନିରଂଜନ ଦେଓଙ୍କ କୋଣାର୍କ ଟ୍ରାନ୍ସପୋର୍ଟ, ଅପୂର୍ବ ସାହୁଙ୍କ ଅରୁଣି ଟ୍ରାନ୍ସପୋର୍ଟ, ଭୁବନେଶ୍ୱର ରଚିକା ମାର୍କେଟ ହାଉସିଂ ବୋର୍ଡ କଲୋନୀ ବାସଭବନ, ହାଇଦ୍ରାବାଦ ଘର, ସହଯୋଗୀ ଖଣିମାଲିକଙ୍କ କାର୍ଯ୍ୟାଳୟ ଓ ଡଙ୍କାରି ଅ□ଳରେ ଥିବା ଏକାଧିକ ମେଗା କ୍ରସର ୟୁନିଟ୍‌ରେ କାଗଜପତ୍ର ଯା□ କରୁଛନ୍ତି । ଏକ ଲମ୍ବା ଚଢ଼ଉ ଚାଲିଥିଲେ ବି ଆୟକର ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ନଦେବା ଘଟଣା ସ୍ଥାନୀୟ ଅ□ଳବାସୀଙ୍କ ମଧ୍ୟରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଡଙ୍କାରି କଳାପଥର ଲୁଟ୍ ଓ ରାଜସ୍ୱ ଫାଙ୍କି ଲିଙ୍କ୍‌ରେ ଏହି ଚଢ଼ାଉ ହେଉଥିବା ସନ୍ଦେହ କରାଯାଉଛି । ସୂଚନା ଯୋଗ୍ୟ, ୨୦୦୨/୦୩ ଆର୍ଥିକ ବର୍ଷରୁ ୨୦୧୫/୧୬ ପର୍ଯ୍ୟ‘ ଶ୍ରୀବାସ ଡଙ୍କାରି ପାହାଡ଼ରେ ଥିବା କଳାପଥର ଖାଦାନଗୁଡ଼ିକୁ ଦୀର୍ଘମିଆଦି ସୂତ୍ରରେ ଲିଜ୍ ନେଇଥିଲେ । ଲିଜ୍ ଅ□ଳ ସମେତ ବହୁ ଅଧିକ ଅ□ଳରୁ ବିପୁଳ ପରିମାଣର କଳାପଥର ଉତ୍ତୋଳନ ଓ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା । ପରେ ଏହି ଚର୍ଚ୍ଚିତ ଦୁର୍ନୀତିର ତଦ‘ କରିଥିଲା ଖଣି ବିଭାଗ । ଏଠାରେ ବିପୁଳ ଟିକସ ଫାଙ୍କି ସହିତ ଚୁକ୍ତି ଠାରୁ ବହୁ ଗୁଣ କଳାପଥର ଖନନ ଓ ପରିବହନ ହୋଇଥିବା ଜଣାପଡିଥିଲା । ଏନେଇ ତହସିଲ ପକ୍ଷରୁ ପତ୍ରସଂଖ୍ୟା-୧୮୭୮/ ୨୮.୫.୨୦୧୬ରେ ୫୮କୋଟି ୬୨ଲକ୍ଷ ୬୯ହଜାର ୬୩୩ଟଙ୍କା ରାଜସ୍ୱ ପୈଠ କରିବାକୁ ଲିଜ୍‌ଧାରୀ ଶ୍ରୀବାସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହି ନିର୍ଦ୍ଦେଶକୁ ଚ୍ୟାଲେ୍ କରି ଶ୍ରୀବାସ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଇତି ମଧ୍ୟରେ ଏହି ଘଟଣାକୁ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ରାଜସ୍ୱ ପୈଠ ହୋଇନଥିବା ଜଣାପଡିଛି । ସେହିପରି ଏକାଧିକ ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ହୋଇଥିବା ଲୁହାଗୁଣ୍ଡ ବ୍ୟବସାୟ ଓ ବିଦେଶ ରପ୍ତାନି କାରବାର ଲିଙ୍କ୍‌ରେ ଶ୍ରୀବାସଙ୍କ ସଂପୃକ୍ତିର ଛାନ୍‌ଭିନ୍ ହେଉଥିବା ସନ୍ଦେହ କରାଯାଉଛି । ଆଳୁ ଖୋଳ ଖୋଳୁ ମହାଦେବ ବାହାରିବା ଭଳି ହାଇଦ୍ରାବାଦର ଠିକାଦାର ମନୋହର ରେଡ୍ଡୀଙ୍କ ବ୍ୟବସାୟିକ କାରବାରର ଖୋଳତାଡ଼ କରୁଥିବା ଆୟକର ବିଭାଗ ଆସି ଧର୍ମଶାଳା ଅ□ଳର କେତେକ ଖଣିମାଲିକଙ୍କ ଘରେ ପହ□ିବା ଘଟଣା ସ୍ଥାନୀୟ ଅ□ଳରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ୪ଦିନ ହେଲା ଆୟକର ବିଭାଗର ଅଧିକାରୀମାନେ ଝାଳ ବୁହାଇ କଣ ଘଣ୍ଟାଚକଟା କରୁଛନ୍ତି ଓ ଏଥିରୁ କି ଫଳ ମିଳୁଛି, ଏହାକୁ ଦେଖିବାକୁ ଅ□ଳବାସୀ ଅପେକ୍ଷା କରିଛନ୍ତି ।

## କେନ୍ଦ୍ରାପଡା-ଗଣ୍ଡାକିଆ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ତସାହି - ଗଣ୍ଡାକିଆ ରାସ୍ତାରେ ଭାରିଯାନ ଚଳାଚଳକୁ ସ୍ଥାନୀୟ ବୁଦ୍ଧିଜୀବିମାନେ ବିରୋଧ କରିଛନ୍ତି । ସାନ୍ତସାହି ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୧୨ କି.ମି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଦଶ ଚକିଆ ଓ ହାଇୱା ସମେତ ଅନ୍ୟାନ୍ୟ ଭାରିଯାନ ଚଳାଚଳ ଯୋଗୁଁ ସାଧାରଣ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଦୈନିକ ଏହି ରାସ୍ତା ଦେଇ ଶହଶହ ଲୋକ ଜିଲ୍ଲା ସଦର ମହକୁମାକୁ ଯାତାୟତ କରିବା ସହିତ ଛାତ୍ରଛାତ୍ରୀମାନେ ସ୍କୁଲ କଲେଜକୁ ଯିବା ଆସିବା କରିଥାନ୍ତି । ଭାରିଯାନ ଚଳାଚଳ ଯୋଗୁଁ ବିଶେଷ କରି ବୃଦ୍ଧ, ବୃଦ୍ଧା ଶିଶୁ, ଏବଂ ୨ ଚକିଆ ଗାଡି ଚାଳକମାନଙ୍କ ପ୍ରତି ବିପଦ ଦେଖାଦେଇଛି । ଏଥିସହିତ ଏହି ରାସ୍ତା ଦେଇ ଭାରିଯାନ ଗୁଡିକ ନିର୍ମାଣ ସାମଗ୍ରୀ ଧରି ରାଜନଗର, ପଟ୍ଟାମୁଣ୍ଡାଇ ଓ ମହାକାଳପଡା ଆଦି ଅ□ଳକୁ ଯିବା ଆସିବା କରିଥାନ୍ତି । ଗତ ଅପ୍ରେଲ ମାସ ୨୯ ତାରିଖ ଦିନ ଆୟବା ଛକ ନିକଟରେ ଏକ ହାଇୱା ଦୁର୍ଘଟଣାରେ ସାରଙ୍ଗ ଗ୍ରାମର ୨ ଜଣ ଯୁବକ ଗୁରୁତର ଆହତ ହୋଇ ଏବେ ସୁଦ୍ଧା କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଭାରିଯାନ ଚଳାଚଳ ଦିଗରେ ନିଷ୍ପେଧାଦେଶ ଜାରି କରିବାକୁ ଗଣ୍ଡାକିଆ ନରଣପୁର ଗ୍ରାମର ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବି ଅମିୟ କୁମାର ସ୍ୱାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ସଫଳ ହେଲା ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ଟ୍ରାଫିକ ସମସ୍ୟାଜନିତ ଅଭିଯାନ

ପାରାଦୀପ (ପିଏନ୍)-ଦୀର୍ଘଦିନ ହେବ ପାରାଦୀପର ମୁଖ୍ୟ ପ୍ରବେଶ ପଥ ଦୋଛକିଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାଜ୍ୟ ଓ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଭାରୀଯାନ ପାର୍କିଙ୍ଗ ଏବଂ ଜବରଦଖଲ ଦ୍ୱାରା ଏଠାରେ ଅନେକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟଲାଣି । ଏ ବାବଦରେ ଅନେକ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିବାଦ ସତ୍ତ୍ୱେ ଏ ସମସ୍ୟାର ସମାଧାନ ହୋଇପାରିନଥିଲା । ତେବେ ପରିସ୍ଥିତର ଗମ୍ଭିରତାକୁ ହୃଦୟଙ୍ଗମ କରି ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଏହାର ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନକୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର ସମାଧାନ ନହେଲେ ସାମ୍ବାଦିକମାନେ ରାଜରାସ୍ତାକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଥିଲେ । ଏ ଘଟଣା ପରେ ପ୍ରଶାସନ ତ୍ୱରିତ ପଦକ୍ଷେପ ସ୍ୱରୂପ ରାସ୍ତା ଅବରୋଧ କରୁଥିବା ଟ୍ରକ୍ ଜବତ କରିବା ସହିତ ଏକ ଷ୍ଟାକ୍‌ୟାଡ୍ ତିଆରି କରି ସେଠାରେ ରଖିବାକୁ ଯୋଜନା କରିଛି,ଏବଂ ସ୍ଥିରୀକୃତ ସ୍ଥାନରେ ବାଲି ପୋତିବାକୁ ଜିଲ୍ଲାପାଳ ପାରାଦୀପ ବନ୍ଦରକୁ ତାର ସିଏସଆର୍ ଅର୍ଥ ବିନିଯୋଗରେ ଏହି କାର୍ଯ୍ୟ କରିବାକୁ ଚିଠି କରିଛନ୍ତି । ଯେହେତୁ ଅଧିକାଂଶ ଭାରୀଯାନ ପାରାଦୀପ ବନ୍ଦରକୁ ପଣ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଆସିଥାନ୍ତି ତେଣୁ ନୈତିକତା ଦୃଷ୍ଟିରୁ ପାରାଦୀପ ବନ୍ଦରକୁ ଏହି ବାଲି ଫିଲିଙ୍ଗ୍ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେଉଛି । ସୋମବାର ଦିନ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ପ୍ରତିନିଧି ଦଳ ପାରାଦୀପର ଅଠରବାଙ୍କୀରୁ ଦୋଛକି ପର୍ଯ୍ୟ‘ ରାସ୍ତାର ଟ୍ରାଫିକ ସମସ୍ୟା ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲେ । ଏହାପରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚରଣ ଧୀର ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ବୈଠକ ବସିଥିଲା । କାର୍ଯ୍ୟରତ ସାମ୍ବାଦିକମାନେ ଦାବୀପତ୍ର ପ୍ରଦାନ ପରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ଚିଠି ସମେତ ଅନ୍ୟାନ୍ୟ ଦସ୍ତାବିଜମାନ ଦେଖିବା ପରେ କାର୍ଯ୍ୟରତ ସାମ୍ବାଦିକମାନେ ସନ୍ତୁଷ୍ଟି ପ୍ରକାଶ କରିଥିଲେ ଏବଂ ସାମୟିକ ଭାବେ ଅନ୍ଦୋଳନକୁ ସ୍ଥଗିତ ରଖିଥିଲେ । ପ୍ରଶାସନ ଯଦି ଏହି କାର୍ଯ୍ୟକୁ ସଠିକ୍ ଭାବେ ପରିଚାଳନା ନକରେ ତେବେ ଆଗାମୀ ଦିନରେ ଏ ସମ୍ପର୍କରେ କାର୍ଯ୍ୟରତ ସାମ୍ବାଦିକମାନେ ନିଷ୍ପତିର ପୁର୍ନବିଚାର କରିବେ ବୋଲି ସୂଚନା ଦେଇଛନ୍ତି । ନିଷ୍ଠାପର ଭାବେ ପାରାଦୀପ ଅଂଚଳର ବହୁ ପୁରାତନ ଜନହିତକର ସମସ୍ୟାକୁ ସମାଧାନର ବାଟ କଢେଇ ନେଇଥିବାରୁ ପାରାଦୀପର ବହୁ ସାମାଜିକ ସଙ୍ଗଠନ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଜଣେ ଟିବି ରୋଗୀଙ୍କୁ ୬ ୟୁନିଟ୍ ରକ୍ତଦାନ କଲେ ଗରିବ ସେବାସଦନର ସଦସ୍ୟ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ଅଂଚଳର ବହୁ ପୁରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗରିବ ସେବାସଦନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରିବ ଅସହାୟ ଲୋକଙ୍କୁ ସାହାଯ୍ୟ ଓ ସହାୟତା ଯୋଗାଇ ଦେଉଥିବା ବେଳେ ଘଷିପୁରା ବ୍ଲକ ବଳରାମପୁର ପଂଚାୟତ ସରେଇଁ ଗ୍ରାମର ଜଣେ ଗରିବ ଅସହାୟ ବ୍ୟକ୍ତି ଯିଏକି ଦୀର୍ଘଦିନ ହେବ ଟିବି ରୋଗରେ ଆକ୍ରାନ୍ତ ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ତାଙ୍କର ଅପରେସନ ଥିବାରୁ ୫ ୟୁନିଟ୍ 'ଓ' ପଜିଟିଭ୍ ରକ୍ତର ଆବଶ୍ୟକତା ଥିଲା । ଏହି ଖବର ପାଇ ଗରିବ ସେବାସଦନର ପ୍ରତିଷ୍ଠାତା ଡ. ଶମ୍ଭୁନାଥ ରାଉତଙ୍କ ନିର୍ଦ୍ଦେଶକ୍ରମେ ସେବାସଦନର ସ୍ୱେଚ୍ଛାସେବୀ ସଦସ୍ୟମାନେ ଏକ ବୋଲେରୋ ଗାଡିରେ କଟକ ଡାକ୍ତରଖାନାକୁ ଯାଇ ୫ୟୁନିଟ୍ ରକ୍ତଦାନ କରିଥିଲେ । ଏହି ରୋଗୀଙ୍କୁ ୫ ଦିନ ଧରି ଗୋଟିଏ ଲେଖାଏଁ ରକ୍ତ ଦିଆଯିବ ବୋଲି ଡାକ୍ତର ପ୍ରକାଶ କରିଛନ୍ତି ।

# ବିଜେପି ସରକାରର ଆକ୍ରୋଶ ରାଜନୀତି ଓ ପୋଲିସ୍ ଅତ୍ୟାଚାର ବିରୁଦ୍ଧରେ କଂଗ୍ରେସର ବ୍ଲକ୍‌ସ୍ତରୀୟ ପ୍ରତିବାଦ ବିକ୍ଷୋଭ

ରାଉରକେଲା (ପିଏନ୍) : ବିଜେପି ନେତୃତ୍ୱାଧିନ ମୋଦି ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ଓ କଂଗ୍ରେସ କର୍ମକର୍ତ୍ତାଙ୍କ ଉପରେ ପୋଲିସ୍‌ର ଜୁଲମ ପ୍ରତିବାଦରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାର ୫ଟି ବ୍ଲକ୍‌ରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏକ ନମ୍ବର ବ୍ଲକ୍‌ର ପାନପୋଷ ଗାନ୍ଧୀ ଛକଠାରେ କଂଗ୍ରେସର କାର୍ଯ୍ୟନିର୍ବାହୀ ସଦସ୍ୟ ମାତାପ୍ରସାଦ ଜୟସ୍ୱାଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦୁଇ ନମ୍ବର ବ୍ଲକ୍‌ର ମାଲଗୋଦାମ ରୋଡରେ ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ୩ ନମ୍ବର ବ୍ଲକ୍ ଅଧ୍ୟକ୍ଷ ଜାଫର ନୁମାନଙ୍କ ଅଧ୍ୟକ୍ଷତାରେ ନାଲାରୋଡ ଚୌକ ଠାରେ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୪ ନମ୍ବର ବ୍ଲକ୍‌ର ବିଏସ୍‌ଏନ୍‌ଏଲ୍ ଛକଠାରେ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନାଙ୍କ ଉଦ୍ୟମରେ ସମ୍ପନ୍ନ ହୋଇଥିଲା । ୧୦ ନମ୍ବର ବ୍ଲକ୍‌ରେ ସଭାପତି ରାଜେନ୍ଦ୍ର ରଜାକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ଅ‘ରୀଣ ସଭାପତି ଦେବବ୍ରତ ବିହାରୀ, ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ସ‘ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ସୁଦନ ତ‘ୀ, ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମିରନ ପାଢୀ, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ କର୍ମକର୍ତ୍ତା ତଥା ସାଧାରଣ ଲୋକଙ୍କୁ ସମ୍ବୋଧିତ କରିଥିଲେ । ସମ୍ପ୍ରତି ଦରଦାମ୍ ବୃଦ୍ଧି, ବେକାରୀ ଓ ବେରୋଜଗାରୀକୁ ନେଇ ଦେଶବାସୀ ଚିନ୍ତିତ ଥିବାବେଳେ ସରକାର ଦଳ ବିଜେପିର ପ୍ରବକ୍ତାମାନଙ୍କ ଦ୍ୱାରା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦିଆଯାଇ ଦେଶରେ ଅରାଜକତା ସୃଷ୍ଟି କରାଯାଉଛି ବୋଲି କହିଥିଲେ । ସେହିପରି ଅଗ୍ନିପଥ ଯୋଜନାରେ ଦେଶର ସେନାବାହିନୀରେ ଯୁବକମାନଙ୍କୁ ୪ ବର୍ଷ ପାଇଁ ନିଯୁକ୍ତି ଦେଇ ଯବାନମାନଙ୍କୁ ଲାଞ୍ଛିତ ଓ ଅପମାନ କରିବା ପାଇଁ ମୋଦି ସରକାର ଯେଉଁ ଉଦ୍ୟମ କରୁଛନ୍ତି ତାକୁ ଆଜି ଦେଶବ୍ୟାପି ଯୁବସମାଜ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ । ତେବେ ଏସବୁରୁ ଲୋକଙ୍କ ନଜର ଏଡାଇବା ପାଇଁ ଆଜି ମୋଦି ସରକାର ଇଡିକୁ ବ୍ୟବହାର କରି ସରକାରଙ୍କ କଟୁ ସମାଲୋଚକ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମିଥ୍ୟା ତଥା ମନଗଢା ମାମଲାରେ ସମ୍ପୃକ୍ତ କରି ଅଯଥାରେ ହଇରାଣ କରୁଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ । ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଦବାଇ ଲୋକତନ୍ତ୍ରକୁ ହତ୍ୟା କରିବା ପାଇଁ ଯେଉଁ ଉଦ୍ୟମ ଚାଲିଛି ସେଥିରୁ ମୋଦି ସରକାର ନିବୃତ୍ତ ନ ରହିଲେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି କଂଗ୍ରେସ ନେତୃବୃନ୍ଦ ଚେତାବନୀ ଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ଉପସଭାପତି ଶୋଭା ସିଂ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସମ୍ପାଦକ ଧର୍ମେନ୍ଦ୍ର ପରମାର ଓ ପ୍ରତିମା ପାଣିଗ୍ରାହୀ, ସୁନୀଲ ସିଂହ ଓ ରାଜେନ୍ଦ୍ର ଶର୍ମା, କାର୍ଯ୍ୟନିର୍ବାହୀ ସଦସ୍ୟ ଏମ୍‌ଡି ମୁର, ରୁକସାନା ବେଗମ, ଯୁବନେତା ସାକିର ହୁସେନ, ସେବାଦଳର ବୁଲୁ ଦାସ, ନାରୀନେତ୍ରୀ ଝୁନୁ ପଟ୍ଟନାୟକ, ବ୍ଲକ୍ ସଭାପତି ବିଜୟ ଆପଟ ଓ ସୁନୀଲ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ଉପାଧ୍ୟକ୍ଷ ସୁଧୀର ନାଥ, ପି. ଗୋବିନ୍ଦା, କୁଅଁର ସିଂ, ଈଶ୍ୱର ପ୍ରଧାନ, ରାଜନ ତନ୍ତୀ, ବସନ୍ତ ମହାକୁଡ, ବିଜୟ ସାହୁ, ପ୍ରତାପ ସାହୁ, ବଳବୀର ସିଂହ, ଚତୁର୍ଭୁଜ ସାମଲ, ଏମ୍‌ଡି ସଲ୍ଲାଉଦ୍ଦିନ, ସୁଧୀର ଚୌହାନ, ବିବେକ ସାହୁ, ସୋନୁ ସାହୁ, ଅର୍ଜୁନ ଗୋଛାୟତ, ଡେଭିଡ ପ୍ରଧାନ, ଏମ୍‌ଡି ଆଲମ, ବାବୁ ଖାନ, ଅବଦୁଲ କୟୁମ, ରେହେମାନ ଖାନ ପ୍ରମୁଖଙ୍କ ସମେତ ବହୁ ବ୍ଲକ୍ ସ୍ତରୀୟ କଂଗ୍ରେସ କର୍ମକର୍ତ୍ତା ଭିନ୍ନ ଭିନ୍ନ ବ୍ଲକ୍‌ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ପ୍ରସ୍ତୁତି ବୈଠକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ଏକ ସାଧାରଣ ବୈଠକ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ଡିସେମ୍ବର ୨୬ତାରିଖରେ ପାଳିତ ହେବାକୁ ଥିବା ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା । ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ଆଦିକନ୍ଦ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ଲାଟିନମ ଜୁବୁଲି ଉତ୍ସବରେ ଓଡିଶାର ମହାମହିମ ରାଜ୍ୟପାଳଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତି ହୋଇଥିଲା । ସଂସଦର ଉପଦେଷ୍ଟା ରମେଶ ଚନ୍ଦ୍ର ସିଂ ବାଣୀପୀଠର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ନିମ‘ େ ଅତିଥି ଚୟନ, ବିଭିନ୍ନ କମିଟି ଗଠନ ଏବଂ ଏହାକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ପ୍ଲାଟିନମ ଜୁବୁଲି ପାଇଁ ଅଭ୍ୟର୍ଥନା କମିଟି, ଅର୍ଥ କମିଟି, ପତ୍ରିକା କମିଟି ସହ ବିଭିନ୍ନ କମିଟି ଗଠନ କରାଯାଇ ପୁରାତନ ଛାତ୍ର ମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସଂସଦର ମୁଖପତ୍ର 'ବାଣୀବିତାନ'କୁ ଚଳିତ ବର୍ଷ ସ୍ୱତନ୍ତ୍ର ଓ ଗୁଣାତ୍ମକ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଠାରୁ ଲେଖା ଗ୍ରହଣ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ଆସନ୍ତା ଅକ୍ଟୋବର ୩୦ତାରିଖ ସୁଦ୍ଧା ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପତ୍ରିକା ପାଇଁ ଉଦ୍ଦିଷ୍ଟ ଲେଖାଗୁଡିକୁ ସାଧାରଣ ସଂପାଦକ ଆଦିକନ୍ଦ ସ୍ୱାଇଁ ଓ ପତ୍ରିକା କମିଟି ସଦସ୍ୟ ସତ୍ୟପ୍ରିୟ ମହାନ୍ତିଙ୍କ ନିକଟରେ ପହଂଚାଇବାକୁ ନିବେଦନ କରାଯାଇଥିଲା । ଏହି ବୈଠକରେ ବାଣୀପୀଠର ଶିକ୍ଷକ ପ୍ରଭାତ କୁମାର କର, ପୁରାତନ ଛାତ୍ର ଜଳଧର ମହାନ୍ତି, ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ଜଗବଂଧୁ ସ୍ୱାଇଁ, ସୁନାକର ସାହୁ, ବିଜୟ କୁମାର ନାୟକ, ବିବେକାନନ୍ଦ ନାୟକ, ନିଗମାନନ୍ଦ ବିଶ୍ୱାଳ, ଧରଣୀଧର ଦାଶ, ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ବିକ୍ରମ କେଶରୀ ମହାନ୍ତି, ରବି ନାରାୟଣ ଦାଶ, ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା, ନରେନ୍ଦ୍ର ରାଉତ, ଭିକାରୀ ମଲିକ, ନିଳମଣି ନାୟକ, ସୋମନାଥ ସାହୁ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଦିବଂଗତ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଆଗାମୀ ଜୁଲାଇ ମାସ ୧୭ତାରିଖରେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ଶେଷରେ ପୁରାତନ ଛାତ୍ର ନିରଂଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସହରା□ଳର ଭୂମିହୀନଙ୍କୁ ଜମି ଯୋଗାଣ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ସହରା□ଳରେ ବସବାସ କରୁଥିବା ଭୂମିହୀନମାନଙ୍କୁ ଖୁବଶୀଘ୍ର ଜମି ଯୋଗାଇ ଦିଆଯିବା ପାଇଁ ପ୍ରଶାସନ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସମ୍ପର୍କରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲିପ କୁମାର ସେଠୀ, କେନ୍ଦ୍ରାପଡା ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ଅଧିକାରୀ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡା ପୌରା□ଳରେ ୧୮୭ ଜଣ ଭୂମିହୀନ ଓ ପଟ୍ଟାମୁଣ୍ଡାଇ ପୌରା□ଳରେ ୫୪ ଜଣ ଭୂମିହୀନଙ୍କୁ ଜମିପଟା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି । କେନ୍ଦ୍ରାପଡା ତହସିଲ ଅଧିନରେ ଥିବା କେନ୍ଦ୍ରାପଡା ପୌରା□ଳର ବିଭିନ୍ନ ସ୍ଥାନରେ ୩୬ଟି ପ୍ଲଟରୁ ଜଣକୁ ୩୨୩ ବର୍ଗଫୁଟ ଓ ପଟ୍ଟାମୁଣ୍ଡାଇ ତହସିଲ ଅଧିନରେ ଥିବା ପୌରାଂଚଳର ସରକାରୀ ଜମିରୁ ୫୪ଜଣକୁ ବିଭିନ୍ନ ସ୍ଥାନରୁ ଜମି ପଟା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ପୌରା□ ଳର ଭୂମିହୀନମାନଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଉପଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି ।

## ଶ୍ରୀବଳଦେବଜୀଉଙ୍କ ଚନ୍ଦନ ପୋଖରୀରୁ ଶ୍ରୀବିଷ୍ଣୁ ପ୍ରତିମା ଉଦ୍ଧାର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଚନ୍ଦନ ପୋଖରୀରୁ ଶ୍ରୀବିଷ୍ଣୁଙ୍କ ପ୍ରତିମା ଉଦ୍ଧାର କରାଯାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ଚାଲିଥିବା ବେଳେ ଇଚ୍ଛାପୁରସ୍ଥିତ ନୂତନ ଚନ୍ଦନ ପୋଖରୀରେ ଦିଅଁଙ୍କ ଚାପଖେଳ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତମାନେ ଘଟଣା ସ୍ଥଳରେ ରୁଣ୍ଡ ହେଉଥିଲେ । ସେହି ସମୟରେ ପୋଖରୀ ମଧ୍ୟରେ ଏକ ମୂର୍ତି ରହିଥିବା ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ନଜରକୁ ଆସିଥିଲା । ପରେ ସେହି ମୂର୍ତିକୁ ଉଦ୍ଧାର କରାଯିବା ପରେ ଏହା ଅଷ୍ଟଧାତୁରେ ନିର୍ମିତ ପ୍ରାଚୀନ ମୂର୍ତ୍ତି ବୋଲି ସ୍ଥାନୀୟ ଅ□ଳରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି । ଠାକୁରଙ୍କ ଚନ୍ଦନଯାତ୍ରା ସମୟରେ ପୋଖରୀରୁ ମୂର୍ତ୍ତି ଉଦ୍ଧାର ହେବା ଘଟଣା ଜଣାପଡିବା ପରେ ଶହ ଶହ ବ୍ୟକ୍ତି ଏହାକୁ ଦେଖିବା ପାଇଁ ଘଟଣାସ୍ଥଳରେ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି ।

## ଜମିବାଡି ବିବାଦରୁ ତଣ୍ଟିଚିପି ମାରିଦେବା ନେଇ ଥାନାରେ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା□ଳର ୨ନମ୍ବର ୱାର୍ଡ ଅନ୍ତର୍ଗତ କମାରଖଣ୍ଡି ଗ୍ରାମରେ ଜମିବାଡି ବିବାଦକୁ ନେଇ ଜଣେ ବ୍ୟକ୍ତିଙ୍କୁ ମାଡ ମାରିବା ସହିତ ତଣ୍ଟିଚିପି ତାଙ୍କୁ ମାରି ଦେଇଥିବା ନେଇ ମୃତକଙ୍କ ପତ୍ନୀ ଅମ୍ବିକା ବେହେରା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପୋଲିସ ୯୪/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । କମାରଖଣ୍ଡି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ସହିତ ତାଙ୍କ ପଡିଶା ଅଶୋକ ବେହେରାଙ୍କ ଜମିବାଡି ବିବାଦ ଦୀର୍ଘଦିନରୁ ରହିଆସିଛି । ରବୀନ୍ଦ୍ର ତାଙ୍କ ଜମିରେ କାର୍ଯ୍ୟ କରୁଥିବା ବେଳେ ଅପରପକ୍ଷ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲା । ଫଳରେ ଅଶୋକ ବେହେରାଙ୍କ ସମେତ ଅନ୍ୟ ୭ଜଣ ମିଳିମିଶି ରବୀନ୍ଦ୍ରଙ୍କୁ ନିସ୍ତୁକ ପିଟିବା ସହ ତଣ୍ଟିଚିପି ହତ୍ୟା କରିଥିବା ମୃତକ ରବୀନ୍ଦ୍ରଙ୍କ ପତ୍ନୀ ଅମ୍ବିକା କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଟାଉନ ଥାନା ପକ୍ଷରୁ ରବୀନ୍ଦ୍ରଙ୍କ ଶବ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କଠାରୁ ସୂଚନା ମିଳିଛି ।

## ପୁରାତନ ମନ୍ଦିର କୁଶଳେଶ୍ୱରରୁ ମୂର୍ତ୍ତି ଚୋରି

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଦେଓଗାଁର ପୁରାତନ ମନ୍ଦିର କୁଶଳେଶ୍ୱର ଶୈବପୀଠରୁ ପୁରାତନ ଚନ୍ଦ୍ରଶେଖର ମୂର୍ତ୍ତି ଚୋରି ହୋଇଯାଇଛି । ଚାନ୍ଦି ରୁପାରେ ନିର୍ମିତ ଏହି ମୂର୍ତ୍ତିର ଓଜନ ୧୦ କେ.ଜି.ରୁ ଉର୍ଦ୍ଧ୍ୱ ହେବ ବୋଲି ମନ୍ଦିରର ପୂଜାପଣ୍ଡା ପ୍ରକାଶ କରିଛନ୍ତି । ଭୋର ସମୟରେ ପୂଜା ପଣ୍ଡାମାନେ ନୀତିକାନ୍ତି କରିବାକୁ ଆସିଥିବା ସମୟରେ ଚନ୍ଦ୍ରଶେଖର ମନ୍ଦିରର ଚାବି ଭାଙ୍ଗି କେହି ଦୁର୍ବୃତ୍ତ ମୂର୍ତ୍ତି ଚୋରି କରି ନେଇଯାଇଥିବା ଦେଖି ଘଷିପୁରା ପୋଲିସ୍‌କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ୍ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ତା'ପରେ ମନ୍ଦିରରେ ସେଦିନ ନୀତିକାନ୍ତି ବନ୍ଦ ରହିଥିବା ବେଳେ ଘଷିପୁରା ଅଂଚଳରେ ଅପରାଧୀ ଓ ଚୋରଙ୍କ ପ୍ରାଦୁର୍ଭାବ ବଢି ଚାଲିଥିବା ବେଳେ ଏହା ଘଷିପୁରା ପୋଲିସ୍ ପାଇଁ ଚ୍ୟାଲେଂଜ ସୃଷ୍ଟି କରିଛି ।

## ପଞ୍ଚବଟୀରେ ରାମଚରିତ ପାରାୟଣ ଉଦ୍‌ଯାପିତ



ଫୁଲନଖରା (ପିଏନ୍)-ଜୟରଶାସନସ୍ଥ ପଞ୍ଚବଟୀଠାରେ ୨୫ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି । ଏଥିରେ ବାଳକୃଷ୍ଣ ବେହେରା ଓ ନୀଳିମା ବେହେରା କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ମହିଳା କମିସନ ପୂର୍ବତନ ଅଧ୍ୟକ୍ଷା ନମିତା ପଣ୍ଡା, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ପାହାଳ ଆଇଆଇସି ଷ୍ଟାଲିନ ବିଶ୍ୱାଳ, କୈଳାସଚନ୍ଦ୍ର ବରାଳ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ, ଆଇନଜୀବୀ ଉମାକାନ୍ତ ନନ୍ଦ, ସାମ୍ବାଦିକ ଲଳିତକୁମାର ଦାଶ, ଶ୍ରୀ ସନ୍ନ୍ୟାସୀ ଜୀ, ଆଇନଜୀବୀ କବିନାରାୟଣ ଜେନା, ପ୍ରାକ୍ତନ ସରପଞ୍ଚ ବଂଶୀଧର ଭୋଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସନ୍ଥ ହରିଚରଣ ଦାସ ମହାରାଜ, ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶର୍ମା, ଶ୍ୟାମସୁନ୍ଦର ଦାଶ, ପଣ୍ଡିତ ଦିଲୀପକୁମାର ପଣ୍ଡା, ପ୍ରଶାନ୍ତ ଶତପଥି, ବୈଦ୍ୟନାଥ ପାଣି, ପ୍ରଭାତ ଶତପଥି, ବିଶ୍ୱଜିତ ପାଣି, ନାରାୟଣ ମହାନ୍ତି ଓ ପ୍ରଶାନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଡାକ୍ତର ଭିକାରିଚରଣ ସାହୁ ଓ ପ୍ରଦୀପକୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିତ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଲସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଭୁବନେଶ୍ୱର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର , (ପି.ଏନ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ୧୧ ନମ୍ବର ଜୋନ୍ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଓରଫ୍ ଟୁକୁନାଙ୍କର ଶନିବାର ଦିନ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ଭୁବନେଶ୍ୱର ଶିଶୁପାଳଗଡ଼ ଲକ୍ଷ୍ମୀବିହାର ବଡ଼ଜେନା ସାହି ସ୍ଥିତ ହରି ଭବନରୁ ଧଉଳି ପୋଲିସ ତାଙ୍କ ମୃତ୍ୟୁ ଦେହ ଜବତ କରିଥିଲା। ମୃତ୍ୟୁର ୪ଘଂଟା ପୂର୍ବରୁ ଫେସବୁକ୍ରେ ଧର୍ମେନ୍ଦ୍ର ସେୟାର କରିଥିବା ୨ଟି ଭିଡିଓ ସମ୍ବଧିରେ ଭିନ୍ନ ଦିଗକୁ ଇସାରା କରୁଛି। ଭିଡିଓରେ ସେ କହିଛନ୍ତି ଯେ ମୋବାଇଲରେ ଦୁଇଟି ଭିଡିଓ ଅଛି। ସେହି ଭିଡିଓ ଦୁଇଟିକୁ ଯାଂଚ କଲେ ଅନେକ ତଥ୍ୟ ମିଳିବ। ତାହା ଲୋକଲୋଚନକୁ ଆସିବା ଦରକାର। ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଧର୍ମେନ୍ଦ୍ର ସାହୁ ଙ୍କ ହତ୍ୟା ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ସମ୍ପୃକ୍ତି ମନ୍ତ୍ରୀ ସମୀର ରଞ୍ଜନ ଦାଶ ଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଭୁବନେଶ୍ୱର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଯୁବ ମୋର୍ଚ୍ଚା ସଭାପତି ସୋଽଂ ସେବକ ରାୟଙ୍କ ନେତୃତ୍ୱରେ ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ଯାଇ ରାମ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ତେବେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ପଛରେ ରାଜନେ ?ତିକ ଲିଙ୍କ ରହିଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ତାଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିଲା। ଏହି କାରଣରୁ କିଛି ଦିନ ହେଲା ପରିବାରରେ କଳହ ଉଗ୍ରରୂପ ନେଇଥିଲା। ଏ ସମ୍ପର୍କରେ ପୂର୍ବରୁ ଲିଙ୍ଗରାଜ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। କିଛି ଦିନ ତଳେ ନିଜେ ଧର୍ମେନ୍ଦ୍ର କଳ୍ପନା ନିକଟରୁ ଏକ ହୋଟେଲରୁ ଧରାପଡ଼ିଥିଲେ। ଏହି କାରଣରୁ ସେ ମାନସିକ ଚାପରେ ମଧ୍ୟ ଥିଲେ। କିନ୍ତୁ ଏନେଇ ପୁଲିସ ମୁହଁ ଖୋଲୁନାହିଁ। ପ୍ରଶ୍ନ ଉଠୁଛି, ଏହି ରାଜନେ ?ତିକ ଲିଙ୍କର ରହସ୍ୟ କ'ଣ ? ଲିଙ୍କ୍ରେ ଥିବା ପ୍ରମୁଖ ବ୍ୟକ୍ତିମାନେ କିଏ ? ସେହିପରି ମୃତ୍ୟୁର ୪ ଘଂଟା ପୂର୍ବରୁ ଧର୍ମେନ୍ଦ୍ର ମୋବାଇଲ୍ରେ ଯେଉଁ ଭିଡିଓ ଦୁଇଟି ସଂପର୍କରେ କହିଛନ୍ତି ତାକୁ ତଦନ୍ତ କରିବା ଆବଶ୍ୟକ ବୋଲି ଭୁବନେଶ୍ୱର ବିଜେପି ଯୁବ ମୋର୍ଚ୍ଚା ସଭାପତି ସୋଽଂ ସେବକ ରାୟ କହିଛନ୍ତି ।ଆଜିର ଏହି କାର୍ଯ୍ୟକ୍ରମରେ ବହୁ ଯୁବ କାର୍ଯ୍ୟକର୍ତାଙ୍କ ସହ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ଦିଲ୍ଲୀପ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ଜିଲ୍ଲା ଯୁବ ମୋର୍ଚ୍ଚା ପ୍ରଭାରୀ ସଂଗ୍ରାମ ନାୟକ, ଜିଲ୍ଲା ଉପ ସଭାପତି ତୃପ୍ତିମଇ ମକଦ୍ଦମ, ଜିଲ୍ଲା ସମ୍ପାଦକ ତାପଶ ଦଳାଇ, ରଜନୀବାଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)– ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା। ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୀୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ସ୍ୱଚ୍ଛ ପକ୍ଷ ଅଭିଯାନ : ଇକୋ ବ୍ୟାଗରେ ଆର୍ବଜନା ରଖ

ପୁରୀ, (ପି.ଏନ):ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱଚ୍ଛ ପକ୍ଷ ସେପ୍ଟେମ୍ବର ୧୧ରୁ ୩୦ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଉପଲକ୍ଷେ ପର୍ଯ୍ୟଟନ ସ୍ଥଳି ପୁରୀକୁ ସଫା ସୁତରା ରଖିବା ପାଇଁ ସଚେତନତା ବାର୍ତା ପ୍ରଦାନ କରିଛନ୍ତି। ଏକ ସ୍ୱଚ୍ଛତା ଟିମ ଗୁଣ୍ଡିଚା ମନ୍ଦିର ନିକଟରେ ସଫେଇ କରିବା ସହ ଦୋକାନିମାନଙ୍କୁ ସଚେତନତା କରିଥିଲେ। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିଲେ। ଭାରତ ପର୍ଯ୍ୟଟନ ମନ୍ତ୍ରାଳୟ ପର୍ଯ୍ୟଟକ ସୂଚନା ଅଧିକାରୀ ଜଗନ୍ନାଥ ବେହେରା କୁହନ୍ତି ପର୍ଯ୍ୟଟନ ସ୍ଥଳିକୁ ସଫାସୁତରା ରଖିଲେ ପର୍ଯ୍ୟଟକ ଖୁସି ହେବେ। ଐତିହ୍ୟସ୍ଥଳି, ମନ୍ଦିର, ପର୍ଯ୍ୟଟନସ୍ଥଳ ଓ ବିଚ୍ ସଫା ରଖିବା ପାଇଁ ସଚେତନତାର ବାର୍ତା ପ୍ରଦାନ କରିଥିଲେ।

## ଯାଦବ ସଂଘର କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲା ଯାଦବ ସଂଘର କାର୍ଯ୍ୟକାରିଣୀ ବୈଠକ ତିନିମୁହାଣୀ ସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପ୍ରଭାରୀ ଗୀତାଞ୍ଜଳୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନଗଣନା ଚାଲୁଥିବା କାର୍ଯ୍ୟକ୍ରମକୁ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଦାସ, ମିତ୍ରଭାନୁ ମହାକୁଳ, କାର୍ଯ୍ୟକାରୀ ସଭାପତି ବିଜୟ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଭାକର ପଲାଇ, ଉପ ସଭାପତି ଚିନ୍ମୟ ଦାସ, ମନୋଜ କୁମାର ପରିଡ଼ା, ଧିରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ହୋଇ ଆଗାମୀ ଦିନରେ ସଂଗଠନ କିପରି ସୁଦୃଢ଼ ହେବ ସେଥିପାଇଁ ପଂଚାୟତ ବ୍ଲକ ସ୍ତରୀୟ କମିଟି ଗଠନ କରାଯିବାକୁ ନିଷ୍ପତି ନିଆଯାଇଛି। ଏହି ସଭାରେ ପ୍ରଫେସର ବୃନ୍ଦାବନ ଦାସ, ନିରଞ୍ଜନ ଦାସ, ପ୍ରମୋଦ ଦାସ, ବିଶିକେଶନ ଦାସ, ସେଖର ବାରିକ, ଇଂ ପଂଚାନନ ଦାସ, ଅଶୋକ ବଳ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୫୦୦ରୁ ଉର୍ଦ୍ଧ୍ୱ ଯାଦବ ଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ। ସଂପାଦକ ବିରେନ୍ଦ୍ର ଦାସ, ଚୌଧୁରୀ ସଚ୍ଚିକାନ୍ତ ଦାସ, ଅଜୟ ପରିଡ଼ା ପ୍ରମୁଖ ଧନ୍ୟବାଦ ଓ ମଂଚ ପରିଚାଳନା କରିଥିଲେ।

## ଅର୍ବାନ ବ୍ୟାଙ୍କର ୨୭ତମ ବାର୍ଷିକ ସାଧାରଣ ସଭା

କେନ୍ଦ୍ରାପଡ଼ା, (ପି.ଏନ) କେନ୍ଦ୍ରାପଡ଼ା: କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ୨୭ତମ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଭାରତୀ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟର ଅନେକ ସ୍ଥାନରେ ଅର୍ବାନବ୍ୟାଙ୍କ ବିଭିନ୍ନ କାରଣ ହେତୁ ବନ୍ଦ ହୋଇଯାଇଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅର୍ବାନ ବ୍ୟାଙ୍କ ଓଡ଼ିଶାରେ ୧ ନମ୍ବର ଭାବେ ପରିଗଣିତ ହୋଇଛି। ମୁଖ୍ୟ ଶାଖା ଓ ଅନ୍ୟ ଶାଖାଗୁଡ଼ିକ ସୂଚାରୁ ରୂପେ ଚାଲୁରହିଛି। ଅର୍ବାନ ବ୍ୟାଙ୍କ ବେଶ ସୁନାମ ଅର୍ଜନକରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଏହାର ଶାଖାଗୁଡ଼ିକ ଲାଭ କରୁଥିବାବେଳେ ସୁରୁଖୁରରେ ଚାଲୁ ରହିଥିବା ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ମୁଖ୍ୟ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ପଣ୍ଡା ବ୍ୟାଙ୍କର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁକ୍ତାର ଖାନ, ଫକିର ଚରଣ ଖଟୁଆ, ମହେନ୍ଦ୍ର ପରିଡା, ବିଦ୍ୟୁଭୂଷଣ ମହାପାତ୍ର, ଗଣେଶ ସାମଲ ଓ ସମସ୍ତ ନିର୍ଦ୍ଦେଶକ ଏବଂ ବରିଷ୍ଠ ନାଗରିକ, ବ୍ୟାଙ୍କର ସଦସ୍ୟମାନେ ଯୋଗଦେଇ ବ୍ୟାଙ୍କର ଉନ୍ନତି କାମନା କରିଥିଲେ। ଶେଷରେ ବ୍ୟାଙ୍କର ଉପାଧ୍ୟକ୍ଷା ଡ଼ଃ ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ଦିନଦୟାଲ ଉପାଧ୍ୟେୟଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, (ପି.ଏନ) ଜିଲ୍ଲା ବିଜେପି ଶାଖା ତରଫରୁ ଏକାତ୍ମ ମାନବାଦର ପ୍ରଣେତା ପଣ୍ଡିତ ଦିନଦୟାଲ ଉପାଧ୍ୟେୟଙ୍କ ଜୟନ୍ତୀ ଓ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଢୋଲ ପଂଚାୟତର ସରପଂଚ ପ୍ରଫୁଲ୍ଲ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ପଣ୍ଡିତ ଦିନଦୟାଲଙ୍କ ତ୍ୟାଗପୁତ ତଥା ସର୍ମପିତ ଜୀବନୀ ଦେଶ ପ୍ରତି ବଳିଷ୍ଠ ଅବଦାନ ଓ ବଳିଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ କାର୍ଯ୍ୟକ୍ରମ ପ୍ରତି ମାସର ଶେଷ ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ସମଗ୍ର ଭାରତ ବର୍ଷରେ ଏକ ଆଲୋଡ଼ନ ସୃଷ୍ଟି ହୋଇଥିବା ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜ ପ୍ରତିବଳିଷ୍ଠ ଅବଦାନ ପ୍ରଦାନ କରିଥିବା ସମାଜସେବୀ ଗୋଲକ ମହାପାତ୍ର, ଅନିରୁଦ୍ଧ ପାତ୍ର, ବନ ବିହାରୀ ମିଶ୍ର, କସ୍ତୁରୀ ଚରଣ ପରିଡ଼ା, ଡ଼ଃ ଶୀବାନନ୍ଦ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବରିଷ୍ଠ ନେତା ସୁନାକର ବେହେରା, କୃଷ୍ଣଚନ୍ଦ୍ର ପଣ୍ଡା, କଳ୍ପନା ମଲିକ, ଅଭିମନ୍ୟୁ ଗୋଛାୟତ ବିକ୍ରମାଦିତ୍ୟ ସାହୁଙ୍କ ସହ ବହୁନେତା ଓ କର୍ମୀ ଉପସ୍ଥିତ ଥିଲେ। ପରିଶେଷରେ କାବେରୀ ବେହେରା ଧନ୍ୟବାଦ ଅର୍ପଣ କିରିଥିଲେ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ୍ୟ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ): କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି। ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା। ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି। ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ



ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି। ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି। ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ। ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି। ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




 Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 

# ସୁବର୍ଣ୍ଣପୁର୍ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ବାର୍ଷିକ କର୍ମକର୍ତ୍ତା ଚୟନ






ସୁବର୍ଣ୍ଣପୁର,(ପି.ଏନ): ସୁବର୍ଣ୍ଣପୁର୍ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ୟୁସିଡିଏ ସଭାପତି ଶ୍ରୀ ପି. ସତ୍ୟ ନାରାୟଣ, ସାଧାରଣ ସଂପାଦକ ଶ୍ରୀ ପ୍ରଶାନ୍ତ ମହାପାତ୍ର ଙ୍କ ସହ ବିଭିନ୍ନ ଜିଲ୍ଲା ସଂଘ ମାନଙ୍କ ରୁ ଆସିଥିବା କର୍ମକର୍ତ୍ତାଗଣ ଅତିଥି ଭାବରେ ମଂଚ଼ାସୀନ ଥିଲେ । ୨୦୨୨ - ୨୦୨୫ ପାଇଁ ସୁବର୍ଣ୍ଣପୁର୍ ଜିଲ୍ଲା ସଂଘ ସଭାପତି ଭାବେ ଶ୍ରୀ ଉମେଶ୍ ଚ଼ନ୍ଦ୍ର ସାହୁ, ସାଧାରଣ ସଂପାଦକ ଭାବେ ଶ୍ରୀ ସତ୍ୟ ନାରାୟଣ ଦରଓ୍ୱାନ୍ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ଶ୍ରୀ ପ୍ରଭାତ ରଞ୍ଜନ ଶତପଥୀ ମନୋନୀତ ହୋଇଥିଲେ । ସାରା ଦେଶରେ ନକଲି ଔଷଧ କାରବାର ବଢୁଥିବାରୁ ୟୁସିଡିଏ ସଭାପତି ଶ୍ରୀ ପି. ସତ୍ୟ ନାରାୟଣ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏଥିପାଇଁ ସାଧାରଣ ଲୋକଙ୍କ ଔଷଧ ଭଳି ଜୀବନ ରକ୍ଷାକାରୀ ଜିନିଷରେ ରିହାତି ଲୋଭ ଓ ବଜାରରେ ତିଷ୍ଠି ରହିବା ପାଇଁ ବ୍ୟବସାୟୀଙ୍କ ମଧ୍ୟରେ ଅନୈତିକ ପ୍ରତିଯୋଗିତା ଦାୟୀ ବୋଲି ମତବ୍ୟକ୍ତ କରି ଥିଲେ । ସଂଘର ସଭ୍ୟ ଶ୍ରୀ ପବିତ୍ର ନାରାୟଣ ନେପାକ ନକଲି ଔଷଧ ବାବଦରେ ଖାଉଟି ସଚେତନତା ଆବଶ୍ୟକ ଏବଂ ଏହାକୁ ପ୍ରତିହତ କରିବା ପାଇଁ ରାଜ୍ୟରେ ଅଧିକ ସଂଖ୍ୟକ ଔଷଧର ମାନ ପରୀକ୍ଷଣ ଲେବୋରେଟୋରୀ ପ୍ରତିଷ୍ଠାର ଆବଶ୍ୟକତା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସଂଘର ନବ ନିର୍ବାଚ଼ିତ ସଭାପତି ଶ୍ରୀ ସାହୁ ସମ୍ବଲପୁରରେ ଏକ ଆଂଚ଼ଳିକ ପରୀକ୍ଷାଗାର କାର୍ଯକ୍ଷମ ହେବାକୁ ଯାଉଛି ବୋଲି ସୂଚ଼ନା ଦେଇଥିଲେ । ସଭ୍ୟ ଶ୍ରୀ ପବିତ୍ର ନେପାକ ସାରା ଓଡିଶାର ଔଷଧ ବ୍ୟବସାୟୀ ଭାଇଙ୍କ ସୁରକ୍ଷା ପାଇଁ ଏକ ସ୍ୱଳ୍ପ ପ୍ରିମିୟମ୍ ଦେଇ ଗ୍ରୁପ୍ ଇନସୁରେନ୍ସ କରାଇ ବା ବ୍ୟବସ୍ଥା କିଭଳି ହୋଇପାରିବ, ସେ ସମ୍ବନ୍ଧ ରେ ୟୁସିଡିଏ ସଭାପତି ଓ ସାଧାରଣ ସଂପାଦକ ଙ୍କୁ ଅନୁରୋଧ କରିଥିଲେ । ସାରା ଓଡିଶାର କେମିଷ୍ଟ ଭାଇମାନଙ୍କୁ ସୁରକ୍ଷା ଦେବାଭଳି ଏକ ପ୍ରସ୍ତାବ ସୋନପୁର ଜିଲ୍ଲା ର ଅଧିବେଶନ ରେ ଆସିଥିବାରୁ ସଂଘ ସଭାପତି ଶ୍ରୀ ପି.ସତ୍ୟ ନାରାୟଣ ଖୁସି ହୋଇଥିଲେ ଓ ଏଭଳି ପ୍ରଶଂସନୀୟ ପ୍ରସ୍ତାବକୁ ଗୁରୁତର ସହ ବିଚ଼ାର କୁ ନେଇ ଏଭଳି ଏକ ଯୋଜନାରେ ସାରା ଓଡିଶାର କେମିଷ୍ଟ ଭାଇମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ଆପ୍ରାଣ ଚ଼େଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଂଘ ତରଫରୁ ନବନିର୍ବାଚ଼ିତ କାର୍ଯ୍ୟକାରୀ ସଦସ୍ୟ ଏବଂ କିଛି ବରିଷ୍ଠ ସଭ୍ୟ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅନୁଗୋଳରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ଶୁଣିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର/ ଅନୁଗୋଳ, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି । ଏହି ସଂସ୍କରଣରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ପାଇଁ ଓଡ଼ିଶାର ସ୍ୱେଚ୍ଛାସେବୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଏହି କାମ କରିବା ପାଇଁ ସେମାନଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିବ ବୋଲି ସେ କହିଛନ୍ତି ।ପ୍ରଧାନମନ୍ତ୍ରୀ ମନ୍ କି ବାତରେ ସ୍ୱଚ୍ଛତା, ଯୁବଶକ୍ତିର କ୍ଷମତା, ଜଳବାୟୁ ପରିବର୍ତ୍ତନ ଏବଂ ଭୋକାଲ ଫର୍ ଲୋକାଲ ଭଳି ଅନେକ ଶିକ୍ଷଣୀୟ ବିଷୟ ଉପରେ ଆଲୋକପାତ କରିଛନ୍ତି । ଓଡ଼ିଶାର 'ଆମେ ଓଡ଼ିଆ' ସଂଗଠନ ଭଳି ବିଭିନ୍ନ ରାଜ୍ୟର ସ୍ୱେଚ୍ଛାସେବୀ ସଂଗଠନ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପକୂଳ ଅ ଂଚଳ ତଥା ସମୁଦ୍ର ବେଳାଭୂମିରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ।

# ଅନୁଗୋଳ ଓ ଢ଼େଙ୍କାନାଳରେ ବିଭିନ୍ନ ରେଳ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ/ଢ଼େଙ୍କାନାଳ, (ପି.ଏନ): ଖୁବ ଶୀଘ୍ର ସମ୍ବଲପୁରରୁ ଏକ ନୂଆ ଟ୍ରେନ ତାଳଚେର, ଅନୁଗୋଳ ଓ ଢ଼େଙ୍କାନାଳ ଦେଇ କୋଲକତାକୁ ଚଳାଚଳ କରିବ ବୋଲି ରବିବାର ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଅନୁଗୋଳ ଓ ଢ଼େଙ୍କାନାଳରେ କ୍ରିୟାନ୍ୱୟନ ହେଉଥିବା ବିଭିନ୍ନ ରେଳବାଇ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିବା ଅବସରରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ଭୁବନେଶ୍ୱର ମଂଚଶ୍ୱର ଷ୍ଟେସନରୁ ଟ୍ରେନ୍ ଯୋଗେ ଏକ ସ୍ୱତନ୍ତ୍ର ବଗିରେ ପୂର୍ବତଟ ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତ କରିଥିଲେ । ସେ ତାଳଚେର ରୋଡ, ଅନୁଗୋଳ, ଏମସିଏଲର ବଳରାମ ସାଇଟ, ତାଳଚେର, ସୁନାଖଣି, ବୁଢ଼ାପଙ୍କ, ମେରାମୁଣ୍ଡଳି, ହିନ୍ଦୋଳ ରୋଡ, ସଦାଶିବପୁର ରେଳ ଷ୍ଟେସନ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ରେଳ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଏହାବ୍ୟତିତ ବଅଁରପାଳ ବ୍ଲକର ବ୍ରିଜ ନଂ ୫ ଏବଂ ନତଡ଼ା ଗ୍ରାମ ପ ଂଚାୟତରେ ଥିବା ହିଙ୍ଗୁଳା ଅ ଂଚଳରେ ନିର୍ମାଣାଧୀନ ରେଲ୍ ଲିଙ୍କର କାର୍ଯ୍ୟ ଦେଖିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନୁରୂପ ଭାବେ ଢ଼େଙ୍କାନାଳ, ଶ୍ୟାମଚରଣପୁର, ଜୋରନ୍ଦା ରୋଡ ରେଳ ଷ୍ଟେସନରେ ହୋଇଥିବା ଅଗ୍ରଗତି କାର୍ଯ୍ୟ ଗୁଡ଼ିକ ପ୍ରତ୍ୟକ୍ଷ ଭାବେ ବୁଲି ଦେଖିଥିଲେ । ଶ୍ରୀ ପ୍ରଧାନ ଷ୍ଟେସନରେ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ରେଳ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସବୁ ଷ୍ଟେସନରେ ସ୍ଥାନୀୟ ଲୋକଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳରୁ କୋଲକତା ପର୍ଯ୍ୟନ୍ତ ସିଧାସଳଖ ଟ୍ରେନ ଚଳାଚଳ କରିବା ପାଇଁ ଜିଲ୍ଲାବାସୀଙ୍କ ଥିବା ଦୀର୍ଘ ଦିନର ଦାବୀ ରହିଥିଲା । ଏହାକୁ ମୋଦି ସରକାର ସ୍ୱୀକୃତି ଦେଇଛନ୍ତି । ଖୁବ ଶୀଘ୍ର ଏକ ନୂଆ ଟ୍ରେନ ସମ୍ବଲପୁରରୁ ଅନୁଗୋଳ, ତାଳଚେର ଓ ଢ଼େଙ୍କାନାଳ ଦେଇ କୋଲକାତା ଯିବ । ଅନୁଗୋଳ ଓ ଢ଼େଙ୍କାନାଳ ମଧ୍ୟରେ ନୂଆ ରେଳ ଚଳାଚଳ କରିବାର ଦାୟିତ୍ୱ ନେଇ ଜିଲ୍ଲାବାସୀଙ୍କୁ ପୂଜା ଉପହାର ଦେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାରଙ୍କ ରେଳ ବିଭାଗ ତରଫରୁ ଅନୁଗୋଳ ଓ ଢ଼େଙ୍କାନାଳ ଅ ଂଚଳରେ ପ୍ରାୟ ୨,୫୦୦ କୋଟି ଟଙ୍କାର ରେଳ ପ୍ରକଳ୍ପର କାମ ଜାରୀ ରହିଛି । ଅନୁଗୋଳର ବହୃତ ଶିଳ୍ପା ଂଚଳରେ କୋଇଲା ଭଳି ମାଲ୍ ପରିବହନ ପାଇଁ ରେଳ ବିଭାଗ ପ୍ରାଥମିକତା ଦେଉଅଛି । ତାଳଚେର, ତାଳଚେର ରୋଡ, ଅନୁଗୋଳ, ଢ଼େଙ୍କାନାଳ ଏହି ଚରୋଟି ରେଳ ଷ୍ଟେସନର ପୁନରୁଦ୍ଧାର ସହ ଅନେକ ଷ୍ଟେସନରେ ରେଳ ଲାଇନର ଦୋହରୀକରଣ, ତୃତୀୟ ଲାଇନ, ଚତୁର୍ଥ ଲାଇନର କାମ ଚାଲୁ ରହିଛି । ଖୁବ ଶୀଘ୍ର ତାଳଚେରରୁ ଅନୁଗୋଳ ପର୍ଯ୍ୟନ୍ତ ଗୋଟିଏ ପାସେଞ୍ଜର ଓ ଦୁଇଟି ମାଲବାହୀ ରେଳ ଲାଇନର କାମ ଶେଷ ହେବ ।

# ଜଗତସିଂହପୁର ଓ ଗଞ୍ଜାମ ଜିଲ୍ଲାରେ 'ଅହିଂସା ରଥ' ପରିକ୍ରମା

ଭୁବନେଶ୍ୱର,(ପି.ଏନ): ଗଞ୍ଜାମ ଜିଲ୍ଲାରେ ତୃତୀୟ ଦିନରେ ଅହିଂସା ରଥ ବିଭିନ୍ନ ସ୍ଥାନ ବୁଲି ଗାନ୍ଧିଜୀ, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ, ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରୁଥିବାବେଳେ ଜଗତସିଂହପୁରରେ ଆଜି ଅହିଂସା ରଥ ପରିକ୍ରମା ଆରମ୍ଭ ହୋଇଛି । ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇ ଲକ୍ଷ ଲକ୍ଷ ଲୋକ ସ୍ୱାଧୀନତାର ଉଚ୍ଛ୍ୱାସକୁ ଅନୁଭବ କରିଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଅହିଂସା ରଥର ଅଭିନବ କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଏବଂ ଜାତୀୟତା ଭାବନାର ପୁନଃଜାଗରଣ ସୃଷ୍ଟି କରାଇପାରିଛି । ଆଜି ଦୁଇଟି ଅହିଂସା ରଥକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକ୍‌ର ଭୂତମୁଣ୍ଡାଇଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ସାହୁ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଶ୍ରୀ ରୁଦ୍ରନାରାୟଣ ଦାଶ, ଉପଜିଲ୍ଲାପାଳ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, କୁଜଙ୍ଗ ବ୍ଲକ୍ ଅଧକ୍ଷା ଶ୍ରୀମତୀ ନୀନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ୍ ସ୍ୱାଇଁ, ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜନପ୍ରତିନିଧି, ମିଶନ ଶକ୍ତି ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ଛାତ୍ରଛାତ୍ରୀ ଓ ବହୁସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ ଜଣାଇଥିଲେ । ଗୋଟିଏ ଅହିଂସା ରଥ ଜଗତି ହାଇସ୍କୁଲ, ଚଉମୁହାଣି, ପାରାଦ୍ୱୀପଗଡ଼, ଉଦୟବଟ, ଦୋଛକି ଦେଇ ପାରାଦ୍ୱୀପ ପୌରପରିଷଦ ଅ ଂଚଳରେ ପରିକ୍ରମା କରିଥିଲା । ଏନ୍‌ଏସି ହାଇସ୍କୁଲ ପାରାଦ୍ୱୀପ, ବିଜୁ ମଇଦାନ ଦେଇ କୁଜଙ୍ଗ ବ୍ଲକ୍‌ର ଝିମାଣି, କାଳିଆପାଟ ଅ ଂଚଳ ପରିକ୍ରମା କରି ରଥ ବି.ବି. ହାଇସ୍କୁଲ, କୁଜଙ୍ଗଠାରେ ପହ ଂଚିଥିଲା । ଅନ୍ୟ ରଥଟି ରାହାମା ବଜାର, ନଭୋଦୟ ବିଦ୍ୟାଳୟ, ବଡ଼ବାଲିକଣି, ସରଳି, ପଣ୍ଡୁଆ, ସାଇଲୋ ବଣିତୋ, ପୋତାନଈ ଅତିକ୍ରମ କରି ଏରସମା ବ୍ଲକ୍ ଅ ଂଚଳରେ ପରିକ୍ରମା କରିଥିଲା । ପାରାଦ୍ୱୀପ ବିଧାୟକ ଶ୍ରୀ ସମ୍ବିତ ରାଉତରାୟ, ନଭୋଦୟ ବିଦ୍ୟାଳୟଠାରେ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏରସମାଠାରେ ବାଲିକୁଦା-ଏରସମା ବିଧାୟକ ଶ୍ରୀ ରଘୁନନ୍ଦନ ଦାସ, ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡ଼ିଓ କୈଳାସ ବେହେରା ଓ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ରଥକୁ ସ୍ୱାଗତ ଜଣାଇଥିଲେ । ଏକ ବିଶାଳ ଶୋଭାଯାତ୍ରାରେ ଚଟୁଆସ୍ଥିତ ଐତିହାସିକ ବେଡ଼ିମଠାରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କୁଜଙ୍ଗର ପାଇକ ଆଖାଡ଼ା ଦଳ ଆକର୍ଷଣୀୟ ପାଇକ ଆଖାଡ଼ା ପ୍ରଦର୍ଶନ କରିଥିଲେ । ଅହିଂସାର ବାର୍ତ୍ତା ବହନ କରି ତୃତୀୟ ଦିବସରେ ଅହିଂସା ରଥ ମଧ୍ୟରୁ ଗୋଟିଏ ରଥ ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକ୍ ପରିକ୍ରମା କରିଛି । ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ୍ ଅଧକ୍ଷା ସାଇବାଣୀ ମଲ୍ଲିକ, ବିଜ୍ଞାପିତ ଅ ଂଚଳ ପରିଷଦ ଅଧକ୍ଷ ଶିବଶଙ୍କର ପଣ୍ଡା, ବିଡ଼ିଓ ସୀମା ଂଚଳ ମଣ୍ଡଳ, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର, ପ ଂଚାୟତିରାଜ ପ୍ରତିନିଧି ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ । ମହାତ୍ମା ଗାନ୍ଧୀ ସ୍ମୃତି ଭବନଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ଥାନୀୟ କଳାକାର ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ରଥକୁ ବେଲଗୁଣ୍ଠାଠାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ତହସିଲଦାର ଧରଣୀଧର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର, ବ୍ଲକ୍ ଅଧକ୍ଷ ପ୍ରଶାନ୍ତ ନାୟକ, ବିଜ୍ଞାପିତ ଅ ଂଚଳ ପରିଷଦ ଅଧକ୍ଷ ଫିରୋଜ ସେଠୀ, ପ ଂଚାୟତିରାଜ ପ୍ରତିନିଧି, ଛାତ୍ରଛାତ୍ରୀ ଓ ବହୁସଂଖ୍ୟକ ଜନସାଧାରଣ ସ୍ୱାଗତ କରିଥିଲେ । ବାଘନାଚ, ଷଣ୍ଢନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ଭଞ୍ଜନଗରଠାରେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ବିଡ଼ିଓ ଶଶିଭୂଷଣ ମହାପାତ୍ର, ତହସିଲଦାର ନିହାର ରଞ୍ଜନ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବିଜ୍ଞାପିତ ଅ ଂଚଳ ପରିଷଦ ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ସମାଜସେବୀ ଶୂଳପାଣି ଶତପଥୀ, ଜଗଦୀଶ ପାଣିଗ୍ରାହୀ, ସାଂସଦଙ୍କ ପ୍ରତିନିଧି ପ ଂଚାନନ ପାଳ, ଜନପ୍ରତିନିଧି, ଛାତ୍ରୀଛାତ୍ରୀ ଅହିଂସା ରଥକୁ ସ୍ୱାଗତ କରିଥିଲେ । ଭଞ୍ଜନଗର ବିପଦର ବନ୍ଧୁଙ୍କ ଦ୍ୱାରା ୭୫ ମିଟର ଦୈର୍ଘ୍ୟବିଶିଷ୍ଟ ଜାତୀୟ ପତାକା ରାଲି କରାଯାଇଥିଲା । ଯୋଡ଼ିଶଙ୍ଖ, ବାଘନାଚ, ପଶୁନୃତ୍ୟ ଏବଂ ସୂଚନା ଓ ଲୋକସଂପର୍କ ଅଧିକାରୀ ରବିନାରାୟଣ ବେହେରାଙ୍କ ରଚିତ ମୁକ୍ତିପଥ ଯାତ୍ରୀ-ଅହିଂସା ସାରଥୀ ନାଟକ ପରିବେଷଣ କରାଯାଇଥିଲା । ଅନ୍ୟ ରଥଟି କୁକୁଡ଼ାଖଣ୍ଡି ବ୍ଲକ୍‌ରେ ପହ ଂଚିବା ପରେ ବିଡ଼ିଓ ପଲ୍ଲବୀ ସ୍ୱାଇଁ, ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ, ବ୍ଲକ୍ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ସରପ ଂଚ କ୍ରାନ୍ତୀକୁମାରୀ ଦେବୀ, ଚିତ୍ତ ରଞ୍ଜନ ବିଷୋୟୀ, ଜନପ୍ରତିନିଧି, ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଠାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ବିଡ଼ିଓ ବିଶ୍ୱଜିତ ରାୟ, ତହସିଲଦାର ମନୋଜ କୁଜୁରୁ, ଜିଲ୍ଲା ପରିଷଦ ଉପାଧକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ ଓ ବହୁସଂଖ୍ୟକ ଜନସାଧାରଣ ଅହିଂସା ରଥକୁ ସ୍ୱାଗତ କରିଥିଲେ ।

# ରାଷ୍ଟ୍ରପତି ପୁରସ୍କାର ପାଇଥିବା କିଟ୍ ଛାତ୍ରୀ ଆକାଙ୍କ୍ଷା ସମ୍ବର୍ଦ୍ଧିତ



ଭୁବନେଶ୍ୱର,(ପି.ଏନ): ଏନ୍‌ଏସ୍‌ଏସ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ଲ ସ୍କୁଲ୍ ଛାତ୍ରୀ ଆକାଙ୍କ୍ଷା କବିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରିଛନ୍ତି । ରାଇସିନା ହିଲ୍‌ସ୍ଥିତ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କିଟ୍ ଲ ଛାତ୍ରୀ ଆକାଙ୍କ୍ଷାଙ୍କୁ ଗତ୨୪ ତାରିଖରେ ୨୦୨୦-୨୧ ବର୍ଷ ପାଇଁ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରିଥିଲେ । ଆଜି ଏହି ଉପଲକ୍ଷେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆକାଙ୍କ୍ଷାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ । ଏନ୍‌ଏସ୍‌ଏସ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଆକାଙ୍କ୍ଷାଙ୍କ ସମେତ ଓଡ଼ିଶାର ୩ଜଣ ପ୍ରତିଭାବାନ ସ୍ୱେଚ୍ଛାସେବୀଙ୍କୁ ତିନୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଜାତୀୟ ପୁରସ୍କାର ଗ୍ରହଣ କରିବାରେ ଆକାଙ୍କ୍ଷା ପ୍ରଥମ କିଟ୍ ଛାତ୍ରୀ । ଆକାଙ୍କ୍ଷାଙ୍କୁ ଏହି ପୁରସ୍କାର ମିଳିଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା କିଟ୍ ବିଶ୍ୱବିଦ୍ୟାଳୟ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି । ପିଲାଟି ଦିନରୁ ଆକାଙ୍କ୍ଷା ବହୁ ପ୍ରତିଭା ସମ୍ପନ୍ନ । ୨୦୦୯ରେ ସେ ଜାତୀୟ ଶିଶୁ ପୁରସ୍କାର ପାଇଥିବା ବେଳେ ୨୦୧୧ରେ କିଟ୍ ନନ୍ଦିପରୀ ପୁରସ୍କାର ବିଜୟିନୀ ହୋଇଥିଲେ । ଏହା ବ୍ୟତୀତ ନିଜ ପ୍ରତିଭା ପାଇଁ ସେ ୭ଶହରୁ ଊର୍ଦ୍ଧ୍ୱ ପୁରସ୍କାର ଓ ସମ୍ମାନ ପାଇଛନ୍ତି । କିଟ୍ ଏନ୍‌ଏସ୍‌ଏସ୍ ବିଭାଗରେ ସେ ଜଡ଼ିତ ରହି ବେଶ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray